## ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଂଘନ ସଂଶୋଧନ କର୍ମଶାଳା

ଧାମନଗର,୨୩।୩(ଦେବେନ୍ଦ୍ର ଆଦ୍ଦିଆ): ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ସୋଧଠାରେ ଭାଜପା ପକ୍ଷରୁ ରବିବାର ସନ୍ଧ୍ୟାରେ ମୁକୁନ୍ଦଦେବ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଂଘନ ସଂଶୋଧନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ସଚେତନ ନାଗରିକଙ୍କ ଦାୟିତ୍ୱ। କୌଣସି ଜଣେ ବି ଯୋଗ୍ୟ ମତଦାତା ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସମସ୍ତେ ସତର୍କ ରହିବା ଆବଶ୍ୟକ। ଏହି ଅବସରରେ ଶତାଧିକ ଉତ୍ସାହୀ ଯୁବକର୍ମୀଙ୍କୁ ଭୋଟର ପଞ୍ଜୀକରଣ, ନାମ ସଂଶୋଧନ ଓ ଫର୍ମ ପୂରଣ ପ୍ରକ୍ରିୟା ଉପରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା।

# ମହାନ୍ ସଂଗ୍ରାମୀଙ୍କ ବିଚାରଧାରାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଭଦ୍ରକ,୨୩।୩(ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ଅଗ୍ରେସନ ଭବନରେ ସୋମବାର ଶହୀଦ ଭଗତ ସେନା ପକ୍ଷରୁ ୯୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଭଗତ ସେନାର ଆବାହକ ତଥା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଉଦ୍‌ଘାଟକ ଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଥିଲେ, ଆଜିର ଦିନରେ ଭାରତମାତାର ସୁଯୋଗ୍ୟ ସନ୍ତାନ ଶହୀଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କୁ ଫାଶୀ ଦିଆଯାଇଥିଲା। ବଳିଦାନ ଦେଇଥିବା ଏହି ମହାନ ସଂଗ୍ରାମୀଙ୍କ ପଥ ଅନୁସରଣ କରିବା ପାଇଁ ଯୁବପିଢ଼ିଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହି ସଂଗଠନ ମହାନ୍ ସଂଗ୍ରାମୀମାନଙ୍କ ବିଚାରଧାରାରେ ଗଠନ ହୋଇଛି ବୋଲି କହିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବକମାନେ ଦେଶ ପ୍ରତି ସମର୍ପିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ଓ ଅବସରପ୍ରାପ୍ତ ସୈନିକ ସଂଘର ଉପଦେଷ୍ଟା ମହେଶ୍ୱର ଦୀକ୍ଷିତ ଯୋଗ ଦେଇଥିଲେ।


ଭଗତ ସେନା ପକ୍ଷରୁ ଶୋଭାଯାତ୍ରାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କୁ ନିଆଯାଉଛି।

### ବଳିଦାନ ଦିବସ

ବଳିଦାନ ଦିବସ ଅବସରରେ ସକାଳେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୩୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଧାୟକ ମହାପାତ୍ରଙ୍କ ସମେତ ଭଗତ ସେନାର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶନି ମନ୍ଦିର ଗୋଶାଳା ଛକଠାରୁ ଏକ ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ଅଗ୍ରେସନ ଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ଆଇନଜୀବୀ ମନୋଜ କୁମାର ରାୟ ଅତିଥି ପରିଚୟ ଦେଇଥିଲେ। ଭଗତ ସେନାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ


ଫାଶୀ ଦିବସ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥି।

ଭଦ୍ରକ,୨୩।୩(ସନାତନ ରାଉତ/ ରବିନାରାୟଣ ଖିଲାର)

ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଲଢ଼ିଥିବା ଭାରତର ମହାନ ବିପ୍ଳବୀ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କୁ ୧୯୩୧ ମାର୍ଚ୍ଚ ୨୩ରେ ବ୍ରିଟିଶ ସରକାର ଲାହୋର କେନ୍ଦ୍ରୀୟ ଜେଲରେ ଫାଶୀ ଦେଇଥିଲେ। ସାମ୍ରାଜ୍ୟବାଦ-ଉପନିବେଶବାଦ ବଦଳରେ ସାର୍ବଭୌମ-ସମାଜବାଦୀ, ଧର୍ମନିରପେକ୍ଷ, ସାଧାରଣତନ୍ତ୍ର ଭାରତବର୍ଷ ଗଠନ ପାଇଁ ଲଢ଼େଇ କରି ଏମାନେ ଶହୀଦ ହୋଇଥିଲେ। ସୋମବାର ଭଦ୍ରକ ସହରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଶହୀଦ ଭଗତ ସିଂ ସ୍ମୃତି ସଂସଦ ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ପକ୍ଷରୁ ମିଳିତ ଭାବେ ୯୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସହ ମହାନ ସଂଗ୍ରାମୀଙ୍କ ପଥ ଅନୁସରଣ କରିବାକୁ କହିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ପାର୍ଥସାରଥୀ ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦୀପକ ମହାପାତ୍ର, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି ଅଶୋକ କୁମାର ନାୟକ, ପ୍ରଫେସର କ୍ଷୀରୋଦ ସାମଲ, ଶିକ୍ଷାବିତ୍ ବିପ୍ଳବୀ ମହାନ୍ତି, ପ୍ରଫେସର କୃଷ୍ଣମୋହନ ମହାପାତ୍ର, ଗଣତାନ୍ତ୍ରିକ ଯୁବ ଫେଡେରେଶନର ଜିଲା ସଙ୍ଗଠକ ଉତ୍କଳ ଜେନା, ଯୁବନେତା ବିନୋଦ ସାହୁ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ରାଜ୍ୟ ବାର୍ କାଉନସିଲର ପୂର୍ବତନ ସଭ୍ୟ ପବନ କୁମାର ଶର୍ମା, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ରାଧାନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ଆଇନଜୀବୀ ବିକାଶ ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭଦ୍ରକ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବତୀ ଯୁବକ, ଓକିଲ, ଚାଷୀ, ମୂଲିଆ ସମାରୋହରେ ଉପସ୍ଥିତ ଥିଲେ।

## କପିଳ ମୁନି ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୨୩।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକର ବିଦେଇପୁରଠାରେ ଚାଲିଥିବା କପିଳ ମୁନି ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଅନ୍ୟତମ ଅତିଥି ଭାବେ ଖବରଦାତା ରମାକାନ୍ତ ଡାଙ୍ଗୁଆ ଯୋଗ ଦେଇଥିଲେ। ଓଡ଼ିଆ ଅସ୍ମିତା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ଦିବ୍ୟାଙ୍ଗ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସଙ୍କର ଅକ୍ଳାନ୍ତ ଉଦ୍ୟମ ଭଦ୍ରକ ଜିଲାକୁ ସାରା ଦେଶରେ ସୁପରିଚିତ କରାଇଥିବା ଜିଲାପାଳ ମତବ୍ୟକ୍ତ କରିଥିଲେ। ସାରା ଦେଶର କୋଣ ଅନୁକୋଣରୁ ବିଭିନ୍ନ କଳାକାରମାନଙ୍କୁ ଆଣି ନିଜ ଗାଁ ଲୋକଙ୍କର ମନୋରଞ୍ଜନ କରିବା ସହ ଶହୀଦର ମାଟି ବାସୁଦେବପୁରକୁ ସାରା ଦେଶରେ ପରିଚିତ କରିଥିବାରୁ ସରକାରଙ୍କ ପକ୍ଷରୁ ଉଦ୍ଦିଷ୍ଟ ସହାୟତା ମହୋତ୍ସବ ପାଇଁ ପ୍ରଦାନ କରାଯିବ ଏବଂ ସମସ୍ତ ସହଯୋଗ କରାଯିବ ବୋଲି ବିଧାୟକ ଦାସ ପ୍ରତିଶ୍ରୁତି ଦେଇଥିଲେ। ପୁରୀର କେଶରୀ ନୃତ୍ୟ ମଞ୍ଜରୀ ଗ୍ରୁପ୍ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଆରାଧନା ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଓଡ଼ିଆ ଢଗଢମାଳି, ଗୋଟିପୁଅ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। କଳାକାର ବିଶ୍ୱଜିତ ମଣ୍ଡଳ, ଚିତ୍ରସେନ ସ୍ୱାଇଁ, ସତ୍ୟବାନ ସାହୁ, କଣ୍ଠଶିଳ୍ପୀ କୁମାର ଗୌତମ, ସୁଶ୍ରୀ ଶୁଭଶ୍ରୀଙ୍କ ସମେତ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ମହତାବ ଏ ମାଟିର ସୁଯୋଗ୍ୟ ସନ୍ତାନ'


ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଗରପଡ଼ା,୨୩।୩(ସୁଶାନ୍ତ ଦାସ)

### ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଦ୍ରକ ଜିଲା ଆଗରପଡ଼ା ହେମପଦ୍ମା ଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ରବିବାର ଥିଲା ୪ର୍ଥ ସନ୍ଧ୍ୟା। କମିଟିର ସଭାପତି ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ କହିଥିଲେ, ଉତ୍କଳ କେଶରୀ ହରେକୃଷ୍ଣ ମହତାବ ବହୁ ଗୁଣର ଅଧିକାରୀ ଥିଲେ। ସେ ଏକାଧାରରେ ସାହିତ୍ୟିକ, ଖବରଦାତା ଓ ବିଚକ୍ଷଣ ରାଜନେତା ଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ତଥା ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଯୋଗଦେଇ ମହତାବ ଏ ମାଟିର ସୁଯୋଗ୍ୟ ସନ୍ତାନ ଥିଲେ ବୋଲି କହିଥିଲେ। ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଆଗରପଡ଼ା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସମ୍ପାଦକ ରଞ୍ଜନ କୁମାର ଦାସ ଓ ଉପଦେଷ୍ଟା ସୁବୋଧ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ପାଲାଗାୟକ ବୈକୁଣ୍ଠ ଚରଣ ନାଥଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ହେମନ୍ତ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମନ୍ଦିରା ନୃତ୍ୟ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଗରପଡ଼ା ଥାନାଧିକାରୀ ରାଜେଶ କୁମାର ସେଠୀ ନୃତ୍ୟଶିଳ୍ପୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ କମିଟି ଉପଦେଷ୍ଟା ଅଧ୍ୟାପିକା ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିଲା ସୁଭଦ୍ରା ଦିଦି କିଓସ୍କ

ତିହିଡ଼ି,୨୩।୩(ସଞ୍ଜିତ ବଳ)

### ରୋଗୀଙ୍କୁ ମିଳିବ ସୁଷମ ଖାଦ୍ୟ

ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ସୁଭଦ୍ରା ଦିଦି କିଓସ୍କ ଖୋଲିଛି। ଭାଟପଡ଼ା ପଞ୍ଚାୟତ ମହିଳା ସଂଘ ପକ୍ଷରୁ ଖୋଲିଥିବା ଏହି କିଓସ୍କ (ହୋଟେଲ)କୁ ମୁଖ୍ୟ ଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥି ଭାବେ ମେଡିକାଲ ଅଫିସର ଡା. ଶୁଭକାନ୍ତ ଓଝା, ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଜୀବିକା ମିଶନ ବ୍ଲକ ପରିଚାଳିକା ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ ଏବଂ ସେମାନଙ୍କ ତତ୍ତ୍ୱାବଧାରକଙ୍କ ପାଇଁ ଏହି ହୋଟେଲରେ ସୁଷମ ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ଏସ୍‌ଡିସି ପ୍ରଫୁଲ୍ଲ ମଲିକ, ବିଏଲ୍‌ସି ସ୍ନିଗ୍ଧା ନାୟକ, ରାଜେଶ ସ୍ୱାଇଁ, ଭାଜପା ମଣ୍ଡଳ ସଭାପତି କେଶବ ବେହେରା, ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଗୋଷ୍ଠୀର ମଧୁସ୍ମିତା ଧଳ, ପାର୍ବତୀ ସାହୁ, ସବିତା ମହାଳିକ ଓ ଉର୍ମିଳା ସାହୁ ଏହି ହୋଟେଲ ପରିଚାଳନା କରିବେ। ଦୀପାନ୍ୱିତା ସାହୁ, ଗାୟତ୍ରୀ କର, ସୁପ୍ରଭା ସାହୁ ତିଳୋତ୍ତମା ସାହୁ, ପୁଷ୍ପଲତା ଜେନା, ନିରୁପମା ଜେନା ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁଭଦ୍ରା ଦିଦି କିଓସ୍କ ଉଦ୍‌ଘାଟନ କରାଯାଉଛି।

## 'ବିଦ୍ୟାମନ୍ଦିର ଶିଶୁଙ୍କୁ ଆଧ୍ୟାତ୍ମିକ ମାର୍ଗ ଦେଖାଏ'

ଧୁଷୁରୀ,୨୩।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ଧୁଷୁରୀ ପଞ୍ଚାୟତ ଅଧୀନ ପୋଖରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭୟ କୁମାର ନାୟକଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟଅତିଥି, ଅମୃତ ଦର୍ଶନ ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଅନୁଷ୍ଠାନର ସଭାପତି ହରେକୃଷ୍ଣ ଦାସ, ସମ୍ପାଦକ ଗତିକୃଷ୍ଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ସାମଲ, ରତ୍ନାକର ବେହୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁଙ୍କୁ ଆଧ୍ୟାତ୍ମିକ ମାର୍ଗ ଦେଖାଏ ବୋଲି ଅତିଥିମାନେ କହିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ, ସହ ପରିଚାଳକ ଦୀନକୃଷ୍ଣ ଦାସ, ଗୁରୁମା' ଲକ୍ଷ୍ମୀପ୍ରିୟା ନାୟକ, ମମତା ନାୟକ, ଅନିତା ବେହୁରିଆ, ସବିତା ବାରିକ, ଗୁରୁଜୀ ସୁଦର୍ଶନ ମାଝୀ, ସୌମ୍ୟ ରଞ୍ଜନ ବେହେରା, ନଗେସ ଗୋସ୍ୱାମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜନଶୁଣାଣି ଶିବିରରେ ୧୧୮ ଅଭିଯୋଗ

ଭଣ୍ଡାରିପୋଖରୀ,୨୩।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଅଭିଯୋଗର ଶୁଣାଣି କରିଥିଲେ। ୧୧୮ଟି ଅଭିଯୋଗ ଆସିଥିବା ବେଳେ ୧୧ଟିର ତତ୍କାଳ ସମାଧାନ କରାଯାଇଛି। ଭତ୍ତା, ଚିକିତ୍ସା ସହାୟତା, ରାଶନ କାର୍ଡ ସଂଯୋଗ ସମ୍ପର୍କିତ ଅଭିଯୋଗ ରହିଥିଲା। ମେଡିକାଲରେ ୧୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକ, ଏଏନ୍‌ଏମ୍‌ମାନଙ୍କ ବଦଳିନିମନ୍ତେ ଗିରିଶ ଚନ୍ଦ୍ର ସାମଲ, ମହେନ୍ଦ୍ର ଦାସ ପ୍ରମୁଖ ଅଭିଯୋଗ କରିଥିଲେ। ସେହିପରି ଡେପୁଟେଶନରେ ଥିବା ଡା. କମଳାକାନ୍ତ ସ୍ୱାଇଁଙ୍କ ସ୍ଥାୟୀ ବଦଳି ପାଇଁ ରମେଶ ଚନ୍ଦ୍ର ଭାରତୀ ଓ ଅନ୍ୟମାନେ ଦାବି କରିଥିଲେ। ବାଲିପୋଖରୀ ପଞ୍ଚାୟତରେ ଚାଲିଥିବା ନଦୀବନ୍ଧ ମରାମତି କାର୍ଯ୍ୟ ନିମ୍ନମାନର ବୋଲି ଗଗନ ସେଠୀ ଅଭିଯୋଗ ଆଣିଥିଲେ। ଗତ ୪ ତାରିଖରେ ଥାନାରେ ଦେଇଥିବା ଏତଲା ପୋଲିସ ଗ୍ରହଣ କରି ନ ଥିବା ପୁରିପେଡ଼ା ଗ୍ରାମର ଶ୍ୱେତା ମଲିକ ଅଭିଯୋଗ କରିଥିଲେ। ତୁରନ୍ତ ମାମଲା ରୁଜୁ ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ବରାହନୂଆପଡ଼ା ଗ୍ରାମରେ ଖୋଳାନାଳ ସେତୁ ନିର୍ମାଣରେ ବିଳମ୍ବ ହେଉଥିବା ପ୍ରଫୁଲ୍ଲ ନାୟକ ଅଭିଯୋଗ କରିଥିଲେ। ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଜମି ଯୋଗାଇବା ସହ ପାଚେରି ଓ ଫାଟକ ନିର୍ମାଣ ପାଇଁ ଅନାଦି ଚରଣ ସାହୁ ଦାବି କରିଥିଲେ। ୧୬ନଂ. ଜାତୀୟ ରାଜପଥର ପାଳଦାବାଙ୍କରେ ଅଣ୍ଡରପାସ୍ ରାସ୍ତା ନିର୍ମାଣ ବନ୍ଦ ହୋଇପଡ଼ିଥିବାରୁ ବହୁ ଦୁର୍ଘଟଣା ଘଟୁଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ। ଜନଶୁଣାଣି ଶିବିରରେ ହେଉଥିବା ଅଭିଯୋଗର ସମାଧାନ ହେଉ ନ ଥିବା ଜଗନ୍ନାଥ ସେନାପତି ଓ ଅନ୍ୟମାନେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ରୋଜାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନୃତ୍ୟାଙ୍ଗନା ନୃତ୍ୟ, ସଙ୍ଗୀତ ମହୋତ୍ସବ


ମହୋତ୍ସବରେ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

ଧାମନଗର,୨୩।୩(ଦୀନକୃଷ୍ଣ ମହାପାତ୍ର)

ଧାମନଗର ଏନ୍‌ଏସି ଅଧୀନ ୫ନଂ. ୱାର୍ଡ ପ୍ରାଣୀ ମେଡିକାଲ ପଡ଼ିଆରେ ୪ର୍ଥ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଳାକାର ଚନ୍ଦନଶ୍ରୀ ମହାପାତ୍ରଙ୍କ ସଞ୍ଚାଳନାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନାଧିକାରୀ ଶୁଭ୍ରଜିତ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, କଳା ଶିକ୍ଷକ ଜିତନ ପଣ୍ଡା, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନୃତ୍ୟାଙ୍ଗନା ସାଂସ୍କୃତିକ ସଂଗଠନ ସଭାପତି ଦୀପକ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ସୁଧାକର ନନ୍ଦ, ମୁଖ୍ୟବକ୍ତା ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ଜେନା, ଅନ୍ୟତମ ଅତିଥି ଭାବେ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ଏମ୍‌ପିଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ପ୍ରଧାନଶିକ୍ଷକ ସେଠୀ, ଶିକ୍ଷକ ବିଶ୍ୱଜିତ ବାରିକ, ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଡ. ହରିପ୍ରିୟା ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମନ୍ତ ନାଥ ମହାନ୍ତି, ଏମ୍‌ପିଙ୍କ ନଗର ପ୍ରତିନିଧି ମହାପାତ୍ର, ପ୍ରଧାନଶିକ୍ଷକ ସେଠୀଙ୍କ ସହ ନୃତ୍ୟ କଳାକାର ଓ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳା ଶିକ୍ଷକ ଗଣେଶ୍ୱର ସାହୁ, ମୀନକେତନ ସାହୁ, ପ୍ରଭୁରଞ୍ଜନ ଉପାଧ୍ୟାୟ, ହରପ୍ରିୟା ଖିଲାର, ଆଲୋକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ବନ ଦିବସ

ଭଦ୍ରକ,୨୩।୩(ସନାତନ ରାଉତ/ ରବିନାରାୟଣ ଖିଲାର): ଭଦ୍ରକ ବ୍ଲକ ସାତଭଉଣୀସ୍ଥିତ ଭଦ୍ରକ ବନାଞ୍ଚଳ କାର୍ଯ୍ୟାଳୟରେ ଶନିବାର ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୌଭାଗ୍ୟ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ବନ ସୁରକ୍ଷା ଉପରେ କହିଥିଲେ। ଅବସରପ୍ରାପ୍ତ ଉପବନ ସଂରକ୍ଷକ ରାଜକିଶୋର ସ୍ୱାଇଁ ଓ ଆନନ୍ଦବଜାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଯୋଗଦେଇ ବନ ଦିବସର ତାତ୍ପର୍ଯ୍ୟ, ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ୨୦୨୫ରେ ଚାରାରୋପଣ ପାଇଁ ସବ୍‌ଡିଭିଜନସ୍ତରୀୟ ପୁରସ୍କାର ସ୍ୱରୂପ ପ୍ରଧାନଶିକ୍ଷକ ବିଶ୍ୱାଳଙ୍କୁ ୧୦ ହଜାର ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ସୁମିତ୍ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇ, ଅତୁଲ୍ୟ ମହାନ୍ତି, ବବୁଲ ମହାନ୍ତି, ରେଞ୍ଜ୍ ଅଧିକାରୀ ବାବୁଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନି ଇନ୍‌ପୁଟ୍ ସବ୍‌ସିଡି ଟଙ୍କା

ବନ୍ତ,୨୩।୩(ହରିନାରାୟଣ ମହାନ୍ତି)

### ଧାନ ବିକ୍ରିକୁ ଦେଢ଼ମାସ ବିତିଲା

ବନ୍ତ ବ୍ଲକ ପଧାନପଡ଼ା ସମବାୟ ସମିତି ମଣ୍ଡିରେ ଦେଢ଼ ମାସ ତଳେ ଧାନ ବିକ୍ରି କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଇନ୍‌ପୁଟ୍ ସବ୍‌ସିଡି ଟଙ୍କା ମିଳି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ଫେବୃଆରୀ ୫ରେ ନିଳୋକ ଗ୍ରାମର ଚାଷୀ ହରିନାରାୟଣ ମହାନ୍ତି ଉକ୍ତ ମଣ୍ଡିରେ ୭୨.୩୯ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ତାଙ୍କର ଫାର୍ମର କୋଡ୍ ଏଫ୍୦୪୦୪୦୦୦୧୫୪୮। ଫେବୃଆରୀ ୯ରେ ତାଙ୍କର ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟକୁ ଏମ୍‌ଏସ୍‌ପି ବାବଦ ୧ ଲକ୍ଷ ୭୧ ହଜାର ୪୯୧ ଟଙ୍କା ଆସିଥିବା ବେଳେ ଇନ୍‌ପୁଟ୍ ସବସିଡି ବାବଦ ୫୨,୯୧୭ ଟଙ୍କା ଆସି ନ ଥିଲା। ଏନେଇ ସେ ସମିତିର ସମ୍ପାଦକଙ୍କୁ ଜଣାଇବାରୁ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଲିମିଟ୍ ୨ ଲକ୍ଷ ଟଙ୍କା ଥିବାରୁ ଏହାର ଲିମିଟ୍ ବଢ଼ାଇବାକୁ ଆଉ ଗୋଟିଏ ଏସ୍.ବି ଆକାଉଣ୍ଟ ଖୋଲିବାକୁ କହିଥିଲେ। ସମ୍ପାଦକଙ୍କ କହିବା ଅନୁଯାୟୀ ହରିନାରାୟଣ ଗତ ଫେବୃଆରୀ ୧୯ରେ ବନ୍ତ ଉପ ଡାକଘରେ ଆଉ ଗୋଟିଏ ଏସ୍.ବି ଆକାଉଣ୍ଟ ଖୋଲିବା ସହ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରାଇଥିଲେ। ପରେ ଏ ସମ୍ପର୍କରେ ଗତ ଫେବୃଆରୀ ୨୩ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲାପାଳଙ୍କୁ ସେ ଇମେଲ ଜରିଆରେ ଏବଂ ଓଡ଼ିଶା ଖାଦ୍ୟ ଯୋଗାଣ ବିଭାଗର କଷ୍ଟମର କେୟାର ନମ୍ବରରେ ଅଭିଯୋଗ କରିଥିଲେ। ମାତ୍ର ଧାନ ବିକ୍ରିକୁ ଏହାମଧ୍ୟରେ ୪୮ ଦିନ ବିତିଯାଇଥିଲେ ମଧ୍ୟ ସେ ଇନ୍‌ପୁଟ୍ ସବ୍‌ସିଡି ଟଙ୍କା ପାଇନାହାନ୍ତି। ଏନେଇ ସେ ସୋମବାର ୨ୟ ଥର ଇମେଲ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ, ଭଦ୍ରକ ଜିଲାପାଳ ଏବଂ ଡିଆର୍‌ସିଏସ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ନିଳୋକ ଗ୍ରାମର ସତ୍ୟବ୍ରତ ମହାନ୍ତି ଧାନ ବିକ୍ରି କରି ଇନ୍‌ପୁଟ ସବ୍‌ସିଡି ଟଙ୍କା ପାଇନାହାନ୍ତି। ତାଙ୍କର ଫାର୍ମର କୋଡ୍ ଏଫ୍ ୦୪୦୪୦୦୦୧୫୪୬। ସେ ଗତ ଫେବୃଆରୀ ୧୮ରେ ଉକ୍ତ ମଣ୍ଡିରେ ୬୪.୬ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ ଫେବୃଆରୀ ୨୬ରେ ତାଙ୍କର ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟକୁ ଏମ୍‌ଏସ୍‌ପି ବାବଦ ୧ ଲକ୍ଷ ୫୩ ହଜାର ୩୭ ଟଙ୍କା ଆସିଥିବା ବେଳେ ଇନ୍‌ପୁଟ୍ ସବ୍‌ସିଡି ବାବଦ ୪୭,୨୨୨ ଟଙ୍କା ଏପର୍ଯ୍ୟନ୍ତ ଆସିନାହିଁ। ଏଥିନେଇ ସେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଇମେଲ ଯୋଗେ ଅଭିଯୋଗ କରିଛନ୍ତି। ଏହିଭଳି ବିଭିନ୍ନ ମଣ୍ଡିରେ ବହୁ ଚାଷୀ ଧାନ ବିକ୍ରି କରିଥିବା ବେଳେ ଇନ୍‌ପୁଟ୍ ସବ୍‌ସିଡି ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ମା' ବାପା ପିଲାମାନଙ୍କୁ ମାନବୀୟ ମୂଲ୍ୟବୋଧର ଶିକ୍ଷା ଦିଅନ୍ତୁ

ବାସୁଦେବପୁର,୨୩।୩(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍): ବାସୁଦେବପୁର ବ୍ଲକ ଅଧୀନ ବିନୋବାଭାବେନଗର ପଞ୍ଚାୟତ ଗାନ୍ଧୀନଗରଠାରେ ସେଣ୍ଟ ଜାଭିୟର ହାଇସ୍କୁଲର ନୂତନ ଗୃହ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟ ଅତିଥି ଜିଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମିୟ ମହାଳିକ, ସରପଞ୍ଚ ଆଦିତ୍ୟ ପ୍ରସାଦ ଗିରି, ବିଦ୍ୟାଳୟ ପ୍ରତିଷ୍ଠାତା ଓ ପରିଚାଳନା କମିଟିର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, ସିଆର୍‌ସିସି ଅଶୋକ କୁମାର ନାୟକ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ମା' ବାପା ପିଲାମାନଙ୍କୁ ମାନବୀୟ ମୂଲ୍ୟବୋଧର ଶିକ୍ଷା ଦିଅନ୍ତୁ ବୋଲି ଜିଲାପାଳ କହିଥିଲେ। ସାମାଜିକ କର୍ମୀ ବନଲତା ଜେନା, ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ଅଭିମନ୍ୟୁ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୈଳାଶ ଚନ୍ଦ୍ର ନାଥ ମଞ୍ଚ ପରିଚାଳନା କରିଥିଲେ।

# କଳାବାଘ ଚମଡ଼ା ଜବତ ଘଟଣାରେ ୯ ଗିରଫ

ବାରିପଦା, ୨୩।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ମୁଖ୍ୟ ଶିକାରୀ ଫେରାର
- ତନ୍ତ୍ର ସାଧନା ବେଳେ ମିଳିଲା ସୁରାକ

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ କୁଳିଅଣା ଅଞ୍ଚଳରୁ ରବିବାର କଳାବାଘ (ମିଲେନାଷ୍ଟିକ ଟାଇଗର) ଚମଡ଼ା ଜବତ ଘଟଣାରେ ବନ ବିଭାଗ ୯ଜଣଙ୍କୁ ଗିରଫ କରିଛି। ମୃତ ବାଘର ବୟସ ୩ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରୁଥିବା ବେଳେ ଅଭିଯୁକ୍ତମାନଙ୍କର ପରିଚୟ ଗୋପନ ରଖିଛି। ତେବେ ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧନା ପାଇଁ ବାଘ ଶିକାର କରାଯାଇଥିବା ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ।

ସୂଚନାଯୋଗ୍ୟ, କୁଳିଅଣା ଅଞ୍ଚଳରେ ବନ ବିଭାଗ ଚଢ଼ାଉ କରିବା ସମୟରେ ଜଣେ ଅଭିଯୁକ୍ତ ବାଘ ଚମଡ଼ା ଉପରେ ବସି ତନ୍ତ୍ରସାଧନା କରୁଥିଲେ। ଆକାଶରୁ ପ୍ରଚୁର ଟଙ୍କା ବୃଷ୍ଟି ହେବ ବୋଲି ସେ ପୂର୍ବରୁ କହିଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ସହଯୋଗୀମାନେ ଶିକାରୀଙ୍କଠାରୁ କଳାବାଘ ଚମଡ଼ା ଆଣିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ତଥା ଉଦଳା ଥାନା ନିକଟ ପାଟଣାଣୀପୁର ଅଞ୍ଚଳରେ ୨ସପ୍ତାହ ତଳେ ୩ ବର୍ଷ ବୟସର କଳାବାଘକୁ ଦେଶୀ ବନ୍ଧୁକ ସାହାଯ୍ୟରେ ଶିକାର କରାଯାଇଥିବା ଜଣାପଡ଼ିଛି। ଶିକାରୀଙ୍କୁ ସହଯୋଗ କରିଥିବା ଅଭିଯୁକ୍ତମାନେ ବନ ବିଭାଗ କବ୍ଜାରେ ଥିଲେ ହେଁ ମୁଖ୍ୟ ଶିକାରୀ ଧରାପଡ଼ି ନ ଥିବାରୁ ବନ ବିଭାଗ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ତଥ୍ୟ ଦେଇନାହିଁ। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ


ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ବନ ବିଭାଗ ଅଧିକାରୀ ସୂଚନା ଦେଉଛନ୍ତି।

ଚନ୍ଦ୍ର ବିଶ୍ୱାଳଙ୍କ କହିବାନୁଯାୟୀ, ଗିରଫ ୯ ଅଭିଯୁକ୍ତଙ୍କଠାରୁ ବୟାନ ସଂଗ୍ରହ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ ଜାରି ରହିବ।

ଉଲ୍ଲେଖଯୋଗ୍ୟ, ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧନା ପାଇଁ ୨୦୨୫ ଜୁଲାଇ ୧୬ରେ ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ୩ଟି କଲରାପତରିଆ ବାଘ ଚମଡ଼ା ଜବତ ସହିତ ୭ ଜଣଙ୍କୁ ଗିରଫ କରାଯାଇଥିଲା । ରାତାରାତି ଧନୀ ହେବା ଆଶାରେ ବାଘ ଚମଡ଼ା ଉପରେ ବସି ପୂଜାପାଠ କରିବା ଭଳି ଅନ୍ଧବିଶ୍ୱାସରେ ଯୁବଗୋଷ୍ଠୀ ପ୍ରଲୋଭିତ ହୋଇ ବାଘ ଶିକାର ଭଳି ଅପରାଧରେ ଜଡ଼ିତ ରହିବା ପରିବେଶବିତ୍ ଓ ପ୍ରାଣୀପ୍ରେମୀମାନଙ୍କୁ ହତବାକ୍ କରିଛି। ଅନ୍ୟପକ୍ଷରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କୋର୍ ଅଞ୍ଚଳରେ ଶିକାରୀମାନେ ପ୍ରବେଶ କରି କଳାବାଘ ଭଳି ବିରଳ ପ୍ରାଣୀଙ୍କୁ ଶିକାର କରି ଦୀର୍ଘ ୫୦କି.ମି. ରାସ୍ତା ଅତିକ୍ରମ କରି ଆସିବା ପରେ ମଧ୍ୟ ବନ ବିଭାଗ କିପରି ସୁରାକ ପାଇପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏଆଇ ଓ ଟ୍ରାପ୍ କ୍ୟାମେରା ଦ୍ୱାରା ମଧ୍ୟ ଶିକାରୀମାନଙ୍କୁ ଠାବ କରାଯାଇ ପାରିଲା ନାହିଁ । ଜଙ୍ଗଲ ମଧ୍ୟକୁ ଶିକାରୀମାନଙ୍କ ଅବାଧ ପ୍ରବେଶ ଯୋଗୁ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଥିବା ପରିବେଶବିତ୍‌ମାନେ କହିଛନ୍ତି।

# ସିନ୍ ରି-କ୍ରିଏଶନ କରାଇଲା ପୋଲିସ


ପୋଲିସ ଉପସ୍ଥିତିରେ ଅଭିଯୁକ୍ତ ହତ୍ୟାକାଣ୍ଡ ସମ୍ପର୍କରେ କହୁଛନ୍ତି।

ବାରିପଦା, ୨୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ନାବାଳିକାଙ୍କୁ ହତ୍ୟା ଘଟଣା**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳରେ ଘଟିଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରି ସିନ୍ ରି-କ୍ରିଏଶନ କରିଛି। ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ତ୍ରିଲୋଚନ ମହାକୁଡ଼ ଘଟଣାସ୍ଥଳରେ କିପରି ହତ୍ୟାକାଣ୍ଡ ଭିଆଇଥିଲେ ତାହା ପୋଲିସ ଆଗରେ ବର୍ଣ୍ଣନା କରିଥିଲେ। ମୃତ ନାବାଳିକାଙ୍କୁ ସାଙ୍ଗରେ ନେଇ ହତ୍ୟା କରିବା ସମୟରେ ବ୍ୟବହାର କରିଥିବା ବେଲ୍ଟକୁ ପୋଲିସ ଜବତ କରିଛି।

# ଗ୍ରାମବାସୀ-ଜେଏମ୍‌ଏମ୍ ଭାବ ବିନିମୟ କାର୍ଯ୍ୟକ୍ରମ

ମୋରଡ଼ା, ୨୩।୩ (ସ୍ୱାରକ ମାଜୀ)

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ତରଫରୁ ସୋମବାର ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଫାନିଆ, ନୂଆଗାଁ, ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗ୍ରମାବାସୀଙ୍କ ସହିତ ଭାବ ବିନିମୟ କାର୍ଯ୍ୟକ୍ରମ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ସମସ୍ତ ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା, ୨୩୦୦ ୟୁନିଟ ବିଜୁଳି ବିଲ ଛାଡ, ଆବାସ ଯୋଜନାର ରାଶି ବୃଦ୍ଧି କରି ୫ ଲକ୍ଷ ଟଙ୍କା କରିବା, ହରିଶ୍ଚନ୍ଦ୍ର ଯୋଜନାର ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଉଚିତ ରାଶି ପ୍ରଦାନ, ଭତ୍ତା ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯିବା, ଧାନ କିଣାରେ ଅତ୍ୟଧିକ କଟନି ଛଟନି ବନ୍ଦ, ହାତୀ ଉପଦ୍ରର ସ୍ଥାୟୀ ସମାଧାନ, ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ପଦବୀ ପୂରଣ ସହିତ ଖାଲି ଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ପୂରଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଏକ୍ସରେ ଓ ଅଲଟ୍ରାସାଉଣ୍ଡ ମେସିନ ଲଗାଇବା ସହିତ ମାଗଣା ଔଷଧ ପ୍ରଦାନର ସୁବ୍ୟବସ୍ଥା, ଜଙ୍ଗଲ ଜମିରେ ବାସ କରୁଥିବା ସ୍ଥାୟୀ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଏବଂ ସରକାରୀ ଜମିରେ ଗଢ଼ି ଉଠିଥବା ଶିକ୍ଷାନୁଷ୍ଠାନଗୁଡ଼ିକୁ ପଟ୍ଟା ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ମନୋଜ ଦାନ, ଯୁବନେତା ସରୋଜ ଦାସ ,ଆଶିଷ ଶାଡୁଆ, ଦୁଷ୍ମନ୍ତ ବୈଠା ଫାନିଆ ପଞ୍ଚାୟତ ସଭାପତି ସମାଇ କିସ୍କୁ, ଦେଉଳି ପଞ୍ଚାୟତ ସଭାପତି ବିକାଶ ସି, ଅଜିତ ଶେଜପଡା,ନାରୀ ନେତ୍ରୀ ତାରାମଣି ସି ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାମବାସୀଙ୍କ ସହ ଜେଏମ୍‌ଏମ୍ କାର୍ଯ୍ୟକର୍ତ୍ତା।

# ୯୯ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଅଭିଯୋଗ ଶୁଣାଣି କରୁଛନ୍ତି।

ଉଦଳା, ୨୩।୩ (ସନ୍ତୋଷ କୁମାର ବାଛିନୀ)

ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ହେମକାନ୍ତ ସୟ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ସମୁଦାୟ ୯୯ଟି ଅଭିଯୋଗର ଶୁଣାଣି କରିଛନ୍ତି। ଉପଜିଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୮୪ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୫ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୧୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୪ ଜଣଙ୍କୁ ଏକ ଲକ୍ଷ ପଇଁ ୪୦ ହଜାର, ରେଡକ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କାକୁ ମିଶାଇ ମୋଟ ଏକ ଲକ୍ଷ ପଞ୍ଚଷଠି ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

# ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନି ପ୍ରଶମନ ତାଲିମ


ଛାତ୍ରୀଛାତ୍ରମାନଙ୍କୁ ତାଲିମ ଦିଆଯାଉଛି।

ବାରିପଦା, ୨୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ବାରିପଦା ମହାବିଦ୍ୟାଳୟ**

ବାରିପଦା ଭଞ୍ଜପୁରସ୍ଥିତ ବାରିପଦା ମହାବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟାୟ ଓ ଅଗ୍ନି ପ୍ରଶମନ ତାଲିମ ଆୟୋଜିତ ହୋଇଯାଇଛି। ଡ. ପ୍ରବୋଧ କୁମାର ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚମ ବାଟାଲିୟମ ଓଡ୍ରାଫ ଦଳର ମୁଖ୍ୟ ପ୍ରଶିକ୍ଷକ ଅରୁଣ କୁମାର ମହାନ୍ତ ଏବଂ ତାଙ୍କ ସହଯୋଗୀ ତଥା ଅଗ୍ନିଶମ ବିଭାଗର ସହକାରୀ ଅଗ୍ନିଶମ ଅଧିକାରୀ ଗୋପୀନାଥ ନାୟକ ଏବଂ ତାଙ୍କ ଦଳର ସହାୟତାରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାରିପଦା ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ଉଭୟ ପ୍ରାକୃତିକ ବିପର୍ଯ୍ୟାୟ ଓ ଅଗ୍ନିଶମ ଆକ୍ରାନ୍ତଙ୍କୁ ସହାୟତା କରିବା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା, ଜ୍ୟୋସ୍ନାରାଣୀ ଦତ୍ତ, ରେଡକ୍ରସ ଅଧିକାରୀ ସଞ୍ଜୀବ କୁମାର ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାରତ ମୁକ୍ତି ମୋର୍ଚ୍ଚାର ବିକ୍ଷୋଭ

ବାରିପଦା, ୨୩।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭାରତ ମୁକ୍ତି ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ଭାରତର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାରକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜାତି ଆଧାରିତ ଜନଗଣନା ଓ ସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଏବଂ ଓବିସି ମାନଙ୍କର ଜାତି ଆଧାରିତ ଜନଗଣନା ଉପରେ ରାଜ୍ୟ ସରକାର ଦ୍ୱାରା ଓବିସିଙ୍କ ସହିତ କରାଯାଉଥିବା ଧୋକାବାଜି ପ୍ରତିବାଦରେ, ଏସସି, ଏସଟି, ଓବିସି ମାନଙ୍କର ସମର୍ଥନରେ କଠୋର ୟୁଜିସି ବିଲ ଲାଗୁ କରାଯିବା ସମର୍ଥନରେ ଆନ୍ଦୋଳନ କରାଯାଇଛି। ଏ ସମ୍ପର୍କରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲାର ରାମେଶ୍ୱର ହେମ୍ବ୍ରମ, ଶାନ୍ତିଲତା ଚାତାର୍ , ଗିରିଶ ଚନ୍ଦ୍ର ମାରାଣ୍ଡି, ପାଲକରାମ ବାସ୍କେ, ସୀତାରାମ ମୁର୍ମୁ, ସିସିଂରାଏ ବେସ୍ରା, ଭାଗିରଥି ହେମ୍ବ୍ରମ, ସିମନ୍ତ ହେମ୍ବ୍ରମ, ଜାକବ ସୋରେନ, ବିଶ୍ୱନାଥ ଟୁଡୁ, ପିଥୋ ମୁର୍ମୁ, ସୁନା ରାମ ସୋରେନ ଏବଂ ରାଷ୍ଟ୍ରୀୟ ମୂଳନିବାସୀ ମହିଳ ମୋର୍ଚ୍ଚାର ସଭାପତି ଶିବାନୀ ସୋରେନ, ପାର୍ବତୀ ସିଂ, ବାସନ୍ତୀ ସୋରେନ, ସୁନାରାମ ସିଂ, ସୁମିତ୍ରା ସିଂ, ଭବାନୀ ଶଙ୍କର ସାହୁଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭାରତ ମୁକ୍ତି ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଉଦଳା, ୨୩।୩ (ସନ୍ତୋଷ କୁମାର ବାଛିନୀ)

ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କପ୍ତିପଦା ଉପଖଣ୍ଡ ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନ ୨ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଉଦଳା ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ବୈଠକରେ ପ୍ରକଳ୍ପ ପ୍ରଶାସକ ଆଇଟି ନରେନ୍ଦ୍ର ଖମାରୀ, କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟର ପ୍ରତିନିଧି, ଉପଖଣ୍ଡର ୪ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଶ୍ରମ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ସହକାରୀ ମ୍ୟାନେଜର ୱାଟକୋ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ଓ ପରିମଳ ବିଭାଗ, ସହକାରୀ ଯନ୍ତ୍ରୀ ଟିପିଏନ୍‌ଓଡିଏଲ୍ ଉଦଳା, ଅତିରିକ୍ତ ଜିଲା ମଙ୍ଗଳଅଧିକାରୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସର୍ବ ସାଧାରଣ ସ୍ଥାନ, କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ଜଳଛତ୍ର ବ୍ୟବସ୍ଥା, ନଳକୂପ ମରାମତି, ଆବଶ୍ୟକ ସ୍ଥଳେ ପାନୀୟ ଜଳ ଯୋଗାଣ, ଶ୍ରମିକମାନଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ, ପଶୁପକ୍ଷୀମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ସହିତ ଗୃହପାଳିତ ପ୍ରାଣୀମାନଙ୍କୁ ଖରା ସମୟରେ ବାହାରକୁ ବାହାରିବାକୁ ନ ଦେବା ଏବଂ ବିଶେଷ କରି ଉପଖଣ୍ଡର ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଶଯ୍ୟା ପ୍ରସ୍ତୁତ ରଖିବା ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ଜରୁରୀ ବ୍ୟବସ୍ଥା କରି ପ୍ରସ୍ତୁତ ରହିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ୩ ଡମ୍ଫର, ଜେସିବି ମେଶିନ ଜବତ

ମୋରଡ଼ା/ରାସଗୋବିନ୍ଦପୁର, ୨୩।୩
(ସ୍ୱାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ଝାଟିଅଡ଼ା ପଞ୍ଚାୟତର ହରିଣାଶୋଳରେ ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥ,ମାଟି ଓ ମୋରମ ଉତ୍ତୋଳନ ଓ ପରିବହନ ଚାଲିଥିବା ନେଇ ଗୁରୁତର ଅଭିଯୋଗ ପରେ ସୋମବାର ପୋଲିସ ଅଚାନକ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ବେଆଇନ କାରବାରରେ ବ୍ୟବହୃତ ୩ଟି ଡମ୍ଫର ଓ ଗୋଟିଏ ଜେସିବି ମେଶିନ ଜବତ କରାଯାଇଛି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା(ନଂ.୧୪୭/୨୬)ରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ନିଶିକାନ୍ତ ସାମଲଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ।

# ଜନଗଣନା ପ୍ରଶିକ୍ଷଣ ଶିବିର

ରାଇରଙ୍ଗପୁର, ୨୩।୩(ମାନସ ମହାନ୍ତି)

ଜନଗଣନା-୨୦୨୭ ଅନ୍ତର୍ଗତ ପ୍ରଥମ ସୋପାନ ଗୃହ ତାଲିକା ଓ ଗୃହ ଜନଗଣନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୋମବାର ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୁପରଭାଇଜର ଓ ଗଣନାକାରୀଙ୍କ ନିପୁଣତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ତାଲିମ ଶିବିର ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଇରଙ୍ଗପୁର ତହସିଲଦାର ତଥା ସେନସସ ଚାର୍ଜ ଅଧିକାରୀ ବିଶ୍ୱନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ କ୍ଷେତ୍ର ପ୍ରଶିକ୍ଷକ ଭାବେ ରାଇରଙ୍ଗପୁର ମହାବିଦ୍ୟାଳୟର ଅଧାପକ ମନୋରଞ୍ଜନ ମାର୍ଣ୍ଡି ଓ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧାପକ ବବଲୁ କୁମ୍ଭକାର ମିଳିତ ଭାବେ ସୁପରଭାଇଜର ଓ ଗଣନାକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ସମୟରେ ଏନ୍ୟୁମେରେସନ ପ୍ରକ୍ରିୟା, ଘର ତାଲିକାକରଣ ପ୍ରଣାଳୀ, କ୍ଷେତ୍ରସ୍ତରର ନିୟମାବଳୀ ଓ ସେନସସ କାର୍ଯ୍ୟର ପ୍ରାୟୋଗିକ ଦିଗ ବିଷୟରେ ବିଭିନ୍ନ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟରେ ପ୍ରଥମ ଦିବସରେ ୧୪ ଜଣ ସୁପରଭାଇଜର ଓ ୮୦ ଜଣ ଗଣନାକାରୀ ତାଲିମ ଗ୍ରହଣ କରିଥିଲେ।

# ସଂସ୍କୃତ ବିଭାଗର ଆଲୋଚନାଚକ୍ର

ବାରିପଦା, ୨୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ବାର୍ଷିକ ଆଲୋଚନାଚକ୍ର ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ମେଘାସନ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା 'ପୁରୁଷୋତ୍ତମ ଯୋଗମ' ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପିକା ପୁଷ୍ପଲତା କାନୁନଗୋ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। +୩ ତୃତୀୟ ବର୍ଷର ଛାତ୍ର ଅଭିନାଶ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ପୋଷ୍ଟର ପ୍ରତିଯୋଗିତା

ବାରିପଦା, ୨୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଐତିହ୍ୟର ସଂରକ୍ଷଣ ପାଇଁ ଜାତୀୟସ୍ତରରେ କାର୍ଯ୍ୟ କରୁଥିବା ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇନ୍‌ଟାକ) ଆନୁକୂଲ୍ୟରେ ମୟୂରଭଞ୍ଜ ଇନ୍‌ଟାକ ଚାପ୍ଟରର କନଭେନର ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ଜିଲାସ୍ତରୀୟ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟ ପୋଷ୍ଟର ପ୍ରତିଯୋଗିତା ସ୍ଥାନୀୟ ଶରତ ଚନ୍ଦ୍ର ସରକାରୀ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ପ୍ରତିଯୋଗିତାରେ 'ଟ୍ରି ଅଫ ଦି ଲାଇଫ' ଶୀର୍ଷକକୁ ନେଇ ପୋଷ୍ଟର ଅଙ୍କନ ସହ ୨୦୦ ଶବ୍ଦରେ ଆଲେଖ୍ୟ ପ୍ରସ୍ତୁତ କରିବାକୁ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୭୬ଜଣ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତ ପୋଷ୍ଟର ଓ ଆଲେଖ୍ୟଗୁଡିକ ଦିଲ୍ଲୀସ୍ଥିତ ଇନଟାକ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବାର ବ୍ୟବସ୍ଥା ହୋଇଛି। ତନ୍ମଧ୍ୟରୁ ଆଞ୍ଚଳିକ ସ୍ତରରେ ୧୦୦ ଏବଂ ଜାତୀୟ ସ୍ତରରେ ୧୦ଟି ପୋଷ୍ଟରକୁ ଶ୍ରେଷ୍ଠ ଭାବେ ଚିହ୍ନିତ କରାଯାଇ ସଂପୃକ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ପ୍ରଦୀପ କୁମାର ପାଣି, ଗୁରୁଚାନ୍ଦ ଦାସ, ଗତିକୃଷ୍ଣ ମହାନ୍ତ, ଭୀମଚରଣ ସିଂ, ଗୀତାଞ୍ଜଳି ମହାନ୍ତ ଓ ଶ୍ୟାମଳୀ ପାତ୍ର ପ୍ରମୁଖ ପୋଷ୍ଟର ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ।

# ପୌର କାର୍ଯ୍ୟାଳୟ ଆଗରେ ଭଞ୍ଜସେନାର ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭଞ୍ଜସେନାର କର୍ମକର୍ତ୍ତାମାନେ।

ବାରିପଦା, ୨୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ବିନା ଟେଣ୍ଡରରେ ରାଜ୍ୟ ବାହାର ଠିକାଦାରଙ୍କୁ କାର୍ଯ୍ୟ ଦେବା ଘଟଣାର ପ୍ରତିବାଦ**

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ପକ୍ଷରୁ ସହରରେ ରାଜ୍ୟ ବାହାର ଠିକାଦାରଙ୍କୁ ବିନା ଟେଣ୍ଡର ଦ୍ୱାରା କାର୍ଯ୍ୟ ପ୍ରଦାନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ଠିକାଦାରଙ୍କୁ ଉପେକ୍ଷା କରାଯାଇ ୨୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟକୁ ରାଜ୍ୟ ବାହାର ସମବାୟ ସଂସ୍ଥାକୁ ଦିଆଯାଇଛି। ଏ ନେଇ ଭଞ୍ଜସେନା ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଦୃଢ଼ ପ୍ରତିବାଦ ପ୍ରଦର୍ଶନ କରଛି। ଆଗାମୀ ୭ ଦିନ ମଧ୍ୟରେ ଯଦି ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଙ୍ଗଠନ ପକ୍ଷରୁ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ, ମ୍ୟୁନସିପାଲିଟିର ଅଧକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଭଳି ଧାରା ବଜାୟ ରହିଲେ ଆଗାମୀ ଦିନରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଆଇନର ଆଶ୍ରୟ ନେବାକୁ ବାଧ ହେବେ ବୋଲି ସଂଗଠନର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି।

ସୂଚନାଯୋଗ୍ୟ, ବାରିପଦା ପୌରପରିଷଦ ଅଧୀନରେ ଅସମ୍ପୂର୍ଣ୍ଣ ୨ଟି ପୋଖରୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଏଥିରେ ବିଳମ୍ବତା ହେତୁ ରାଜ୍ୟ ବାହାର ଠିକାଦାରଙ୍କୁ ଉକ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ଦିଆଯାଇଛି। ସେହିପରି ଷ୍ଟେଶନ ବଜାର ହାଟ ସହିତ ଅନ୍ୟାନ୍ୟ କାର୍ଯ୍ୟକୁ ମିଶାଇ ମୋଟ ୫୦କୋଟି ଟଙ୍କାର କାର୍ଯ୍ୟ ରାଜ୍ୟ ବାହାର ଠିକାଦାରଙ୍କୁ ପ୍ରଦାନ କରାଯାଇଛି। ଏହାକୁ ନେଇ ଜିଲାରେ ଥିବା ଠିକାଦାରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରରେ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରି କାର୍ଯ୍ୟର ତଦନ୍ତ କରିବା, ରାଜ୍ୟ ବାହାର ସମବାୟ ସଂସ୍ଥାକୁ ବିନା ଟେଣ୍ଡରରେ ଦିଆଯାଇଥିବା କାର୍ଯ୍ୟାଦେଶକୁ ବାତିଲ କରି ପୁନଃ ଟେଣ୍ଡର ଆହ୍ୱାନ କରିବା, ଅସମ୍ପୂର୍ଣ୍ଣ କାର୍ଯ୍ୟର ତଦନ୍ତ କରି ସରକାରୀ ଅର୍ଥ ପ୍ରଦାନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନମନ୍ତ୍ରୀ, ବିଭାଗୀୟ ମୁଖ୍ୟ ସଚିବ, ବିଭାଗୀୟ ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗକୁ ମଧ୍ୟ ଏକକିତା ନକଲ ପ୍ରଦାନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ବେଳେ ଭଞ୍ଜସେନା ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆବାହକ ରାକେଶ ବେହେରା, ଜିଲା ସଂଯୋଜକ ସାମନ୍ତ ଶେଖର ପାଲ, ସହର ସଭାପତି ରାକେଶ ମହାନ୍ତି, ଜିଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି, ସିଙ୍ଗରାୟ ହେମ୍ବ୍ରମ, ଅମିତ କୁମାର, ସଞ୍ଜୟ ମାହାର୍ଣ୍ଣା, ଏମଡି ରାଜା, ଦୀପକ କୁମାର ବେହେରା, ଜିତୁ ସିଂ, ସୁନୀଲ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।





## ସଂକ୍ଷେପରେ

### ରାଇବଣିଆ ମଣ୍ଡଳ ଭାଜପା ସଭାପତିଙ୍କ ଘର ଉପରେ ଆକ୍ରମଣ

ଜଳେଶ୍ୱର, ୨୩।୩(ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳରେ ହ୍ୱାଟସଆପ୍ ଗ୍ରୁପରେ ପୋଷ୍ଟକୁ କେନ୍ଦ୍ର କରି ରାଇବଣିଆ ମଣ୍ଡଳ ଭାଜପା ସଭାପତି ସଞ୍ଜୀବ ଜେନାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀମାନେ ଘରର କବାଟ ଭାଙ୍ଗିବା ସହ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପେଟ୍ରୋଲ ପକାଇ ପୋଡ଼ି ଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ରବିବାର ରାତିରେ 'ରାଇବଣିଆ ଅଞ୍ଚଳ ବିକାଶ ପରିଷଦ' ନାମକ ଏକ ହ୍ୱାଟସଆପ୍ ଗ୍ରୁପରେ ସଞ୍ଜୀବ ଜେନା ଆସନ୍ତା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଏବଂ ରାମ ନବମୀ ଅବସରରେ ଏକ ବିଶାଳ ବାଇକ୍ ରାଲି ଆୟୋଜନ ନେଇ ଏକ ସୂଚନା ଶେୟାର କରିଥିଲେ। ଏହି ପୋଷ୍ଟକୁ ନେଇ ଜଣେ ବ୍ୟକ୍ତି ତାଙ୍କୁ କଡ଼ା ସମାଲୋଚନା କରିଥିଲେ, ଯାହାକୁ ନେଇ ସ୍ଥାନୀୟ କେତେଜଣ ଯୁବକ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ରାତି ପ୍ରାୟ ୧ଟା ସମୟରେ କେତେଜଣ ଯୁବକ ସଞ୍ଜୀବଙ୍କ ଘର ଆଗରେ ପହଞ୍ଚି ଚିତ୍କାର କରିବା ସହ ଘରର କବାଟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ପରିବାର ଲୋକଙ୍କୁ ଭୟଭୀତ କରିବା ପାଇଁ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ମଧ୍ୟ ଉଦ୍ୟମ ହୋଇଥିଲା। ଅସହାୟ ଅନୁଭବ କରି ସଞ୍ଜୀବ ୧୧୨ ପୋଲିସର ସହାୟତା ମାଗିଥିଲେ। ରାଇବଣିଆ ଥାନା ପୋଲିସ ପିସିଆର ଭ୍ୟାନ ସହ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଅଟକ ରଖିଛି। ଏହି ଘଟଣାକୁ ନେଇ ସଞ୍ଜୀବଙ୍କ ମା' ସୁମିତ୍ରା ଜେନା ସୋମବାର ସକାଳେ ରାଇବଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

### ୧୯ ବର୍ଷରେ ଚଉଦ ମାଦଳ ଉତ୍ସବ

ବସ୍ତା(ହରିଶଙ୍କର ପାତ୍ରୀ)/ ଗାନ୍ଧିଛକ (ଦିଲୀପ ପଣ୍ଡା), ୨୩।୩

ବସ୍ତା ବଜାର ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ଚଳିତବର୍ଷର ମହାପ୍ରଭୁଙ୍କ ଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ ଉତ୍ସବ ୧୯ ବର୍ଷରେ ପଦାର୍ପଣ କରିଛି। ୪ଦିନ ବ୍ୟାପୀ ଏହି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ। ଦିବା ରାତ୍ର ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ ସମେତ ପ୍ରତି ସନ୍ଧ୍ୟା ୭ଟାରେ ୪ଟି ସଂକୀର୍ତ୍ତନ ମଣ୍ଡଳୀ ସମ୍ମିଳିତ ୫୬ ମାଦଳ ନାମ ସଂକୀର୍ତ୍ତନ କରାଯିବ। ସୋମବାର ଜଳକା ନଦୀରୁ ମହିଳାଙ୍କ ଦ୍ୱାରା ୧୦୮ କଳସରେ ଘଟ ଉତ୍ତୋଳନ ପରେ ହରିନାମ ଆରମ୍ଭ, ପ୍ରତି ସନ୍ଧ୍ୟାରେ ମେଳି ଓ ୨୬ରେ ଦିବା ୧୧ରୁ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଡା. ଅରୁଣ କୁମାର ଭୂୟାଁ ଉଦ୍‌ଘାଟନ କରିଥିଲେ। ଏହାର ସଫଳତା ପାଇଁ ସାର୍ବଜନୀନ ଚଉଦ ମାଦଳ କମିଟି ସଭାପତି ଶଙ୍କର କୁମାର କର, ଉପସଭାପତି କୁମୁଦ ରଞ୍ଜନ ଗିରି, ସମ୍ପାଦକ ବାସୁଦେବ ବେହେରା, କେଶବ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ପରିଡ଼ା, ପ୍ରକାଶ ମହାନ୍ତି, ପ୍ରଭାତ ସାହୁ, ଲକ୍ଷ୍ମୀ ନାରାୟଣ ସାହୁ, ଅନିରୁଦ୍ଧ ନାୟକ ପ୍ରମୁଖ ସହଯୋଗ ନିମନ୍ତେ ନିବେଦନ କରଛନ୍ତି।

### ଏପ୍ରିଲ ୬ରୁ ମହେଶପୁର ବିଦ୍ୟାଳୟ ଶତବାର୍ଷିକୀ ସମାରୋହ

ଭୋଗରାଇ, ୨୩।୩ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦୨ବର୍ଷରେ ପଦାର୍ପଣ କରିଛି। ଏହି ଶିକ୍ଷାନୁଷ୍ଠାନର ଏପ୍ରିଲ ୬ରୁ ୮ ତାରିଖ ପର୍ଯ୍ୟନ୍ତ ପୁରାତନ ଛାତ୍ରୀଛାତ୍ର, ଗ୍ରାମବାସୀ ଓ ଶୁଭେଚ୍ଛୁମାନଙ୍କୁ ନେଇ ବିଦ୍ୟାଳୟ ପରିସରରେ ଶତବାର୍ଷିକୀ ସମାରୋହ ପାଳିତ ହେବାକୁ ଯାଉଛି । ଏଥିପାଇଁ ବିଦ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ ଶତବାର୍ଷିକୀ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏହି ଅବସରରେ ସୁସାହିତ୍ୟିକ, ଶିକ୍ଷାବିତ୍, ଗବେଷକ, ଜନପ୍ରତିନିଧି, ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ, ପ୍ରଶାସନିକ ଅଧିକାରୀ, ଖ୍ୟାତନାମା କଣ୍ଠଶିଳ୍ପୀ, ନୃତ୍ୟାଙ୍ଗନା ଯୋଗ ଦେବାର ସମ୍ମତି ପ୍ରଦାନ କରିଥିବାରୁ ଉକ୍ତ ସମାରୋହକୁ ସାଫଲ୍ୟ ମଣ୍ଡିତ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଶତବାର୍ଷିକୀ କମିଟି ସଭାପତି ପ୍ରଦୀପ କୁମାର ନାୟକ, ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ର, ସମିତି ସଦସ୍ୟ ମନୋରଞ୍ଜନ ଦାସ, କମିଟି ସଦସ୍ୟ ପଙ୍କଜ କୁମାର ଗିରି, ଉମେଶ ଦେ, ବୁଦ୍ଧିକେଶ ଭାୟା, ଶିକ୍ଷକ ଉମାକାନ୍ତ ପ୍ରଧାନ ଜଗନ୍ନାଥ ଘଡ଼ାଇ, ସୁଧାଂଶୁ ଦାସ, ହରିଶ ବେହେରା, ଶାନ୍ତିଲତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖଡିଛୁଆଁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ ଶୁଭାରମ୍ଭ

ବାଲିଆପାଳ, ୨୩।୩(ରାଜଶ୍ରୀ ପାଣିଗ୍ରାହୀ)



ଜିଲାପାଳ ନିମନ୍ତ୍ରଣ ପତ୍ର ବାଣ୍ଟୁଛନ୍ତି।

ଚଳିତ ନୂତନ ଶିକ୍ଷାବର୍ଷ ପାଇଁ ଏପ୍ରିଲ ୨ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ନୂତନ ଭାବେ ବିଦ୍ୟାଳୟର ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରୀଙ୍କ ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ରହିଛି । ସୋମବାର ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲାପାଳ ବାଲିଆପାଳ ବ୍ଲକ ଆଠବାଟିଆ ଗ୍ରାମରେ ବିଭିନ୍ନ ଘରକୁ ଯାଇ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କୁ ମିଠା ଖୁଆଇ, ଫୁଲ ଦେବା ସହ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଉପଜିଲାପାଳ ଶିବ ମାଲବୀୟ, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଗୋଷ୍ଠୀଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା,ଏବିଇଓ ନମିତା ପ୍ରଭା ସାମଲ, ସିଆରସିସି ଯଶୋବନ୍ତ ନାୟକ ଓ ଅଶୋକ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି

## ଉତ୍ତର ଓଡ଼ିଶାର ବିକାଶ ଦିଗରେ ଆଲୋଚନା

ବାଲେଶ୍ୱର,୨୩।୩(ବାଞ୍ଛାନିଧି ଦେ)



ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ପୂର୍ବତନ ଏମ୍‌ପି।

ବାଲେଶ୍ୱର ଜିଲା ତଥା ଉତ୍ତର ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରବିବାର ପୂର୍ବତନ ଏମ୍‌ପି ତଥା ଭାଜପା ନେତା ରବୀନ୍ଦ୍ର କୁମାର ଜେନା ଆଲୋଚନା କରିଛନ୍ତି। ବାଲେଶ୍ୱର ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଏହାର କୃଷି ଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଏବଂ ଚାଷୀମାନଙ୍କ ଆୟ ବୃଦ୍ଧି ତଥା ଜିଲାକୁ କୃଷିରେ ଏକ ନବଦିଗନ୍ତ ଦେବାକୁ ଆଗାମୀ ଦିନରେ ବସ୍ତା ବ୍ଲକର ବହାର୍ଦ୍ଦାଠାରେ ଉପଲବ୍ଧ ଥିବା ସରକାରୀ ଜମିରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ବାଲିଆପାଳ ବ୍ଲକର ବୋଲଂଠାରେ ଥିବା ଇଡ୍‌କୋ ଜମିରେ ଏକ ବୃହତ ଶିଳ୍ପ ପ୍ରତିଷ୍ଠା କରି ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା, ଜିଲାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଏବଂ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱତନ୍ତ୍ର 'ହୃଦ୍‌ରୋଗ ବିଭାଗ' କାର୍ଯ୍ୟକ୍ଷମ କରିବା ଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଏଥିସହିତ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ସମସ୍ତ ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱର ସହ ଶୁଣି ବାଲେଶ୍ୱର ତଥା ଉତ୍ତର ଓଡ଼ିଶାର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ନିଜର ସମ୍ମତି ପ୍ରକାଶ କରିଥିଲେ।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ବୈଜ୍ଞାନିକ ଓ ଗବେଷକଙ୍କ ଗହଣରେ ଅତିଥିଗଣ।

ବାଲେଶ୍ୱର, ୨୩।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ପଦାର୍ଥ ବିଜ୍ଞାନ ଓ ବାୟୁମଣ୍ଡଳୀୟ ବିଜ୍ଞାନର ସୀମାନ୍ତ ଉନ୍ନତି' ବିଷୟକ ତିନିଦିନିଆ ଜାତୀୟ ସମ୍ମିଳନୀ ସୋମବାର ଉଦ୍‌ଘାଟିତ ହୋଇଛି। ଭାରତର ବିଭିନ୍ନ ପ୍ରାନ୍ତର ପ୍ରଖ୍ୟାତ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଓ ଛାତ୍ରୀଛାତ୍ରଙ୍କ ସମାଗମ ହୋଇ ଭୌତିକ ଓ ବାୟୁମଣ୍ଡଳୀୟ ବିଜ୍ଞାନର ନୂତନପ୍ରବଣତା ଓ ନବୀନତା ବିଷୟରେ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରିପାରିଛି। ମୁଖ୍ୟ ପୃଷ୍ଠପୋଷକ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧକ୍ଷତା କରି ଜ୍ଞାନ ବିନିମୟ, ଅନୁଭୂତିମୂଳକ ଶିକ୍ଷା ଓ ଗ୍ଲୋବାଲ୍ ପରିପ୍ରେକ୍ଷୀରେ ପ୍ରୟୋଗ ଆଧାରିତ ଗବେଷଣାର ଉନ୍ନତି ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ବକ୍ତବ୍ୟ କହିଥିଲେ। ମୁଖ୍ୟଅତିଥି ଭୁବନେଶ୍ୱର ସିଏସ୍ଆଇଆର୍–ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଯୋଗଦେଇ ଗବେଷକ ଓ ଛାତ୍ରୀଛାତ୍ରଙ୍କୁ ଶିକ୍ଷାରେ ସରଳତା ଅନୁସରଣ କରି ବ୍ୟବହାରିକ ପ୍ରୟୋଗରେ ଗୁରୁତ୍ୱ ଦେବାକୁ ପ୍ରେରିତ କରିଥିଲେ। ମୁଖ୍ୟବକ୍ତା ୟୁଜିସି–ଡିଏଇ ସିଏସ୍ଆର୍, କୋଲକାତା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସନ୍ଦୀପ ଏସ୍. ଘୁଗ୍ରେ ଯୋଗଦେଇ ପଦାର୍ଥବିଜ୍ଞାନ ଓ ସଂଲଗ୍ନ କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ବିଷୟରେ ଆଲୋଚନା କରି ଅତ୍ୟାଧୁନିକ ଗବେଷଣା କ୍ଷେତ୍ର ଓ ପ୍ରଯୁକ୍ତିଗତ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଚାନ୍ଦିପୁର ଡିଆରଡିଓ ପିଏକ୍ସଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ମଞ୍ଚାସୀନ ହୋଇ ଆଧୁନିକ ସ୍ୱୟଂଚାଳନ ପ୍ରଣାଳୀରେ କୃତ୍ରିମ ବୁଦ୍ଧିମତା ଓ ରୋବୋଟିକ୍ସର ବୃଦ୍ଧିଶୀଳ ଭୂମିକାକୁ ଉପସ୍ଥାପନ କରିଥିଲେ। ସମ୍ମିଳନୀର ସମନ୍ୱୟକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ଦେଇଥିଲେ। ଏହି ସମ୍ମିଳନୀରେ ୮ଟି ବୈଷୟିକ ଅଧିବେଶନରେ ୮୫ଟି ଗବେଷଣା ପତ୍ର ଉପସ୍ଥାପିତ କରାଯିବା ନେଇ ସୂଚୀତ କରିଥିଲେ। ସହାୟକ ଅଧ୍ୟାପକ ଡ. ବିବେକାନନ୍ଦ ନାୟକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଓ ସହ–ସମନ୍ୱୟକ ସହାୟକ ଅଧ୍ୟାପକ ଡ. ରାଜୀବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଜନଶୁଣାଣିରେ ୧୨୨ ଅଭିଯୋଗ

ବାଲିଆପାଳ, ୨୩।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପଜିଲାପାଳ ଶିବ ମାଲବୀୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ ବିଭାଗ) ସୁଧାକର ନାୟକ, ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ୧୨୨ ଅଭିଯୋଗ ମଧ୍ୟରୁ ଇନ୍ଦ୍ରାବାସ ସମ୍ବନ୍ଧୀୟ ୩, ରାଶନ ୪, ଭତ୍ତା ୨୧ ଏବଂ ଅନ୍ୟାନ୍ୟ ୯୪ଟି ଅଭିଯୋଗ ଶିବରକୁ ଆସିଥିବା ବେଳେ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ ଦ୍ୱାରା ବ୍ଲକରେ ବିଭିନ୍ନ ପଞ୍ଚାୟତର ୧୨ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ବିଡିଓ ରାଧାରଞ୍ଜନ ଦାଶ, ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ, ଆଇଆଇସି ସାଲିଖାନ ମୁର୍ମୁ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣାଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ବେଆଇନ ଇଟାଭାଟି ବନ୍ଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଜଳେଶ୍ୱର, ୨୩।୩(ନବୀନ ସାହୁ)

ଜଳେଶ୍ୱର ତହସିଲ ଅଧୀନ ରାଇବଣିଆ ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟିକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ରାଇବଣିଆ ମୌଜାରେ ଜଣେ ବ୍ୟକ୍ତି ଲିଜ୍ ସୂତ୍ରରେ ଜମି ନେଇ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଚେମିନି ଇଟାଭାଟି ସ୍ଥାପନ କରିଥିବା ଅଭିଯୋଗ ହୋଇଛି। ଏହି ଭାଟିରୁ ନିର୍ଗତ ବିଷାକ୍ତ ଧୂଆଁ ଓ ପ୍ରଦୂଷଣ ଯୋଗୁ ସ୍ଥାନୀୟ ପରିବେଶ ଏବଂ ଚାଷଜମି ଗମ୍ଭୀର ଭାବେ ପ୍ରଭାବିତ ହେଉଥିବା ଦର୍ଶାଇ ଗ୍ରାମବାସୀ ସୋମବାର ଜଳେଶ୍ୱର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗୋପାଳପ୍ରସାଦ ଗ୍ରାମର ଜଣେ ବ୍ୟକ୍ତି ଏହି ଭାଟି ଚଳାଉଥିବା ବେଳେ ଏହାଦ୍ୱାରା ନିକଟସ୍ଥ ଚାଷ ଜମିଗୁଡ଼ିକ ଚାଷ ଅନୁପଯୋଗୀ ହୋଇପଡୁଛି। ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ଭାଟି ମାଲିକଙ୍କୁ ଏହା ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଥିଲେ ସୁଦ୍ଧା, ସେଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଇ ନ ଥିଲା। ଫଳରେ ବାଧ ହୋଇ ଗ୍ରାମବାସୀ ପ୍ରଶାସନର ସହାୟତା ଲୋଡିଛନ୍ତି। ଲେଲିନ କୁମାର୍ ଘୋଷ, ଶ୍ରୀକାନ୍ତ ପରିଡ଼ା, ଲକ୍ଷ୍ମୀକାନ୍ତ ରଣା, କମଳାକାନ୍ତ ଘୋଷ ଏବଂ ସଂଜୟ ପରିଡ଼ା ଓ ମହିଳା ଅଞ୍ଜଳି ଘୋଷ, ମମତା ଘୋଷ, ସବିତା ଘୋଷ, ଗିତାରାଣୀ ଘୋଷ ପ୍ରମୁଖ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ ଓଡ଼ିଶା, ବାଲେଶ୍ୱର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ରାଇବଣିଆ ଥାନା ଅଧିକାରିଣୀଙ୍କୁ ପଠାଯାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

## ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା

ନୀଳଗିରି, ୨୩।୩(ପ୍ରଶାନ୍ତ ବିଶ୍ୱାଳ)



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଛକଠାରେ ୪ଦିନ ଧରି ଚାଲିଥିବା ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ଝୁମିଲେ ଦର୍ଶକ। ଓଡ଼ିଆ କମେଡିଆନ ପପୁ ପମ୍ ପମ୍‌ଙ୍କ ସମେତ କଣ୍ଠଶିଳ୍ପି ତୁଷାର ସ୍ୱାଇଁ ଯୋଗ ଦେଇଥିଲେ। ରାଜତନ୍ତ୍ର ସମୟରେ ଏ ମାଟିର ବୀର ସନ୍ତାନଙ୍କ ବୀରତ୍ୱ ତଥା ଅଞ୍ଚଳର କଳାକୃତି, ପଥରଶିଳ୍ପୀଙ୍କ ପାରଦର୍ଶିତା, ଅଞ୍ଚଳର ପ୍ରତିଭା ଆଜି ସାରା ବିଶ୍ୱରେ ମହକ ଦେଉଛି ବୋଲି ପଞ୍ଚଲିଙ୍ଗେଶ୍ୱର ପଞ୍ଚ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଭାରେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ବଳରାମ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଜ୍ୟୋତିର୍ମୟ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ଓ ଯୁବ ସମାଜ ହିଁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ପଞ୍ଚଲିଙ୍ଗେଶ୍ୱର ଆଜି ସାରା ଭାରତବର୍ଷର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବହନ କରିଛି ବୋଲି ମୁଖ୍ୟବକ୍ତା ଭାବେ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ କହିଥିଲେ। ଅନ୍ୟ ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ତପନ କୁମାର ରାଉତ ଓ ଜିଲାପରିଷଦ ସଭ୍ୟା ଉଷାମଣି ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ବେଣୁଧର ଜେନା। ଖବରଦାତା ଜଗନ୍ନାଥ ପାତ୍ର, ପ୍ରିୟନାଥ ବେହେରା ଓ ଗଣେଶ ଜେନା, ଖେଳ ପ୍ରତିଭା ସମ୍ମାନ ଶୁଭଲକ୍ଷ୍ମ ସିଂ, ପୂର୍ବତନ ସୈନିକ ଯୋଗେଶ୍ୱର ବେହେରା ପ୍ରମୁଖଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ ଅଭିଯୁକ୍ତ କୋର୍ଟଚାଲାଣ

## କୁଲଡ଼ିହା ବନବିଭାଗ ପକ୍ଷରୁ ପିକ୍‌ଅପ୍ ସହିତ ୧୯ଟି ଶାଳଗଣ୍ଡି ଜବତ

ନୀଳଗିରି, ୨୩।୩(ପ୍ରଶାନ୍ତ ବିଶ୍ୱାଳ)

ଜଙ୍ଗଲ ଆଇନ୍‌କୁ ଉଲ୍ଲଂଘନ କରି ଶାଳଗଣ୍ଡି ବୋଝେଇ ହୋଇଯାଉଥିବା ଏକ ପିକଅପ୍ ଭ୍ୟାନକୁ ପୋଲିସ ସହାୟତାରେ କୁଲଡିହା ବନବିଭାଗ ପକ୍ଷରୁ ଜବତ କରାଯାଇ ୨ଜଣଙ୍କୁ କୋର୍ଟଚାଲାଣ କରଯାଇଛି। ରବିବାର ଏକ ପିକଅପ୍ ଭ୍ୟାନ୍‌ରେ ୭୮ସିଫ୍ଟ (୧୯ଟି ଶାଳଗଣ୍ଡି) ଭର୍ତ୍ତି କରିଯାଉଥିବା ବେଳେ କୁଲଡ଼ିହା ବନବିଭାଗ ଖବରପାଇ ଛତ୍ରପୁରଠାରେ ବରହମପୁର ପୋଲିସ ସହାୟତାରେ ଜବତ କରିଛି। ବାବୁ ନାୟକ ଏବଂ ଜିତେନ୍ଦ୍ର ମଥାନଙ୍କୁ ଗିରଫ କରାଯାଇ ଉଭୟଙ୍କୁ ନୀଳଗିରି ଏସ୍‌ଡିଜେଏମଙ୍କ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଓଡ଼ିଶା ଜଙ୍ଗଲ ଆଇନ ଉଲ୍ଲଂଘନ ୧୯୭୨ସେକ୍ସନ ୫୬ଏବଂ ଟ୍ରାଞ୍ଜିଟ ଆଇନ୍ ୧୯୮୦ ଅନୁଯାୟୀ କେସ୍ ନଂ. ୧୮ କେ ୨୦୨୫/୨୬ରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

## ପଦ୍ମଲୋଚନ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

# ପ୍ରତିଭା ଅଛି,କେବଳ ମାର୍ଗଦର୍ଶନ ଦରକାର



ଅତିଥିମାନେ ଚାମ୍ପିୟନ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଖଇରା, ୨୩।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତିପୁରସ୍ଥିତ ପଦ୍ମଲୋଚନ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାଗରଥି ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଅଧକ୍ଷ ଯୁଧିଷ୍ଠୀର କୁଅଁର ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଶଶିକାନ୍ତ ପଣ୍ଡା ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତି ପିଲା ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ରହିଛି, ଅଭିଭାବକମାନେ କେବଳ ମାର୍ଗଦର୍ଶନ କରାଇବା ଦରକାର ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତବର୍ଷ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଚାମ୍ପିୟନ ଜ୍ୟୋତ୍ସ୍ନାରାଣୀ ନାୟକ, ଆୟେଶା ପରିଡ଼ା ଓ ଭଗବାନ ସାହୁ ତଥା କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗୁରୁମା ସାବିତ୍ରୀ ବିଶ୍ୱାଳ ଅତିଥି ପରିଚୟ, ପ୍ରତିମା ସ୍ୱାଇଁ ବିବରଣୀ ପାଠ, ଉମାକାନ୍ତ ପଣ୍ଡା ବେଦପାଠ, ବିଦ୍ୟାଳୟ ଛାତ୍ରୀ ସ୍ୱାଗତ ନୃତ୍ୟ, ପ୍ରତିଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଧ୍ୟୟନରତ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସରପଞ୍ଚ, ସମିତିସଭ୍ୟା

ଖଇରା, ୨୩।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୋର ପଞ୍ଚାୟତ ବାଇଟାଙ୍ଗୀ ଗ୍ରାମର ଗୌରାଙ୍ଗ ଜେନାଙ୍କ ଝିଅ ତପସ୍ୱିନୀ ଜେନା ନବୋଦୟ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପତି ଓ ସମିତି ସଭ୍ୟା ଦମୟନ୍ତୀ ସିଂ ୨୦ତାରିଖରେ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଅନାଦି ଧଡା, ଆଇନଜୀବୀ ପ୍ରହ୍ଲାଦ ପତି, ଗୌତମ ନାୟକ, ଗଙ୍ଗାଧର ନାୟକ, ଯଦୁନାଥ ସାମଲ ଓ ଅନାଦି ମାଝି ପ୍ରମୁଖ ଉପସ୍ଥିତ ରହିବା ସହ ତପସ୍ୱନୀ ପାଇଁ ନନ୍ଦୋର ପଞ୍ଚାୟତ ଗର୍ବିତ ବୋଲି ପ୍ରକାଶ କରିଥିଲେ।

# ଗୋପାଳପୁର ନାଗରିକ ମଞ୍ଚ ପକ୍ଷରୁ ସଫେଇ




ବାହାନଗା, ୨୩।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ନାଗରିକ ମଞ୍ଚ ତରଫରୁ ଆରୁହାବାଡ଼ ପଞ୍ଚାୟତର ରୂପଖଣ୍ଡସ୍ଥିତ ସମୁଦ୍ରକୂଳ ପାଣ୍ଡବ ଘାଟ ବାରୁଣୀ ମେଳାସ୍ଥଳୀ ସଫେଇ କରାଯାଇଛି। ଗୋପାଳପୁର ସ୍ୱଚ୍ଛ ଭାରତ ଅଭିଯାନ ତରଫରୁ ଏହି ସଂଗଠନର ୫୯୮ ତମ ସାପ୍ତାହିକ ସଫେଇ କାର୍ଯ୍ୟକ୍ରମ ପାଳିତ ହୋଇଛି। ପାଣ୍ଡବ ଘାଟ ବାରୁଣୀ ସ୍ଥଳୀରେ ସଫେଇ ପାଇଁ ଗୋପାଳପୁର ସ୍ୱଚ୍ଛ ଭାରତ ଅଭିଯାନ ସଙ୍ଗଠନର ୪୫ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ୱଚ୍ଛ ଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର, ଅଭିରାମ ସାହୁ, କମଳାକାନ୍ତ ଦାସ, ମହେଶର ସେନାପତି, ବରେନ୍ଦ୍ର ସେଠୀ, ସଂଯୁକ୍ତା ଦାଶ, ଲାବଣ୍ୟ ମିଶ୍ର, କୁଞ୍ଜଲତା ଶିଆଳ, ଅନାମ ଜେନା, ୨୦ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଶିଶିର ଅଗସ୍ତି,ବାରୁଣୀ କମିଟି ସଭାପତି ଦେବେନ୍ଦ୍ର ତ୍ରିପାଠୀ, ସମ୍ପାଦକ କାଳେନ୍ଦ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ସଫେଇ କରିବା ସହିତ ପରିଚାଳନା କରିଥିଲେ। ଗୋପାଳପୁର ସ୍ୱେଚ୍ଛାସେବୀମାନଙ୍କର ଏଭଳି ନିସ୍ୱାର୍ଥପର ସେବା ପାଇଁ ଆରୁହାବାଡ଼ ଅଞ୍ଚଳବାସୀ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ଇମାମୀ ପେପର ମିଲସର ସିଏସଆର କାର୍ଯ୍ୟକ୍ରମ

## ୯ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ବଣ୍ଟନ

ବାଲେଶ୍ୱର,୨୩।୩(ବାଞ୍ଛାନିଧି ଦେ)




ଇମାମୀ ଅଧିକାରୀଙ୍କ ଗହଣରେ ହୁଇଲ୍ ଚେୟାର ସହ ଦିବ୍ୟାଙ୍ଗ।

ରେମୁଣା ବାଲଗୋପାଳପୁର ସ୍ଥିତ ଇମାମୀ ପେପର ମିଲସ ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ଅଧୀନରେ ସୋମବାର ୯ଟି ଗ୍ରାମର ୯ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ବଣ୍ଟନ କରାଯାଇଛି। ଦିବ୍ୟାଙ୍ଗ ହିତାଧିକାରୀଙ୍କ ଆବଶ୍ୟକତା ଆଧାରରେ କମ୍ପାନୀ ତରଫରୁ ବେସଲାଇନ ସର୍ଭେ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ୯ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଲାଭାନ୍ୱିତମାନଙ୍କର ଗତିଶୀଳତା ବୃଦ୍ଧି କରିବା ସହ ଜୀବନମାନର ଉନ୍ନତି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଜଗନ୍ନାଥ ମନ୍ଦିର ଆରତୀ ମଣ୍ଡପ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପେପର ମିଲସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ସମ୍ମାନିତ ଅତିଥି ଲେଡିଜ କ୍ଲବ ସଭାପତି ବନ୍ଦନା ଗୁପ୍ତା ଯୋଗଦେଇ ଦିବ୍ୟାଙ୍ଗଙ୍କୁ ହୁଇଲ୍‌ଚେୟାର ବଣ୍ଟନ କରିଥିଲେ। ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଅଧକ୍ଷତା କରିଥିଲେ। ମୁଖୁରା ଓ ନୂଆପାଢ଼ୀ ସରପଞ୍ଚଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏପରି ପଦକ୍ଷେପ ମାଧ୍ୟମରେ ଇମାମୀ ପେପର ମିଲସ ସମାଜର ବଞ୍ଚିତ ବର୍ଗଙ୍କ ବିକାଶକୁ ପ୍ରୋତ୍ସାହନ ଦେଇଆସୁଛି ଓ ସମାଜ ସେବାରେ ନିଜର ଅତୁଟ ପ୍ରତିବଦ୍ଧତା ଜାରି ରଖିଛି। ଇମାମୀର ଏହି ସାମାଜିକ ଦାୟିତ୍ୱବୋଧତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା, ସ୍ୱାଗତ ଜ୍ଞାପନ କରାଯାଇଛି।

# ୭ ଫଇସଲା, ୮ ନୂତନ ମାମଲା ପଞ୍ଜୀକରଣ

## ମହିଳା ଆୟୋଗ ଦ୍ୱାରା ସ୍ୱତନ୍ତ୍ର ଜନଶୁଣାଣି

କେନ୍ଦୁଝର,୨୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲଠାରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର ମହିଳା ଜନ ଶୁଣାଣି ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦୁଝର ଓ ଦେବଗଡ଼ ଜିଲାର ମହିଳାମାନେ ଘରୋଇ ହିଂସା, ଯୌତୁକ ଜନିତ ନିର୍ଯାତନା, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଆଦି ମହିଳା ଅଧିକାର ଉଲ୍ଲଂଘନ, ମହିଳା କଲ୍ୟାଣ ଇତ୍ୟାଦି


ମହିଳା କମିଶନ ଅଧକ୍ଷା ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

ସମ୍ପର୍କିତ ଅଭିଯୋଗ କହିଥିଲେ। ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷାତାରେ କାର୍ଯ୍ୟକ୍ରମରେ କେନ୍ଦୁଝରର ବିଭିନ୍ନ ଅଞ୍ଚଳର ସମୁଦାୟ ୩୪ ଗୋଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ସେଥି ମଧ୍ୟରୁ ୧୩ ଗୋଟି ମାମଲାରେ ଶୁଣାଣି ହୋଇ ୭ଟି ଫଇସଲା ହୋଇଥିଲା। ୩ ଟି ମାମଲାକୁ ଜିଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିବା ବେଳେ ୧ଟି ଅନ୍ୟ କର୍ତ୍ତୃପକ୍ଷକୁ ପ୍ରେରଣ କରାଯାଇଛି। ଅନ୍ୟ ୨ଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ୍ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଏଥିସହ ୮ଟି ନୂତନ ମାମଲାର ପଞ୍ଜୀକରଣ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝର, ଦେବଗଡ଼ ଜିଲା ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆୟୋଗର ସଦସ୍ୟା ପ୍ରତିଭା ଶତପଥିଙ୍କ ଉପସ୍ଥିତିରେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, କେନ୍ଦୁଝର ଅତିରିକ୍ତ ଜିଲାପାଳ ମନ୍ଦରଧର ମଲ୍ଲିକ, କେନ୍ଦୁଝର ଅତିରିକ୍ତ ଉପ-ଆରକ୍ଷୀ ଅଧୀକ୍ଷକ ପୂଜା ଧାମ, କେନ୍ଦୁଝର ସମାଜ କଲ୍ୟାଣ ଅଧିକାରୀ ସବିତା ଦାସ, ଜିଲା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷ ତରଫରୁ ଅକ୍ଷୟ ଚକ୍ର, କେନ୍ଦୁଝର ପରିବାର ପରାମର୍ଶ କେନ୍ଦ୍ରର କାଉନ୍‌ସେଲର ଜୟଶ୍ରୀ ଦାଶ, ବିନୋଦ ବିହାରୀ ରାଉତ ପ୍ରଭୃତି ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ମହିଳା ଆୟୋଗର ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ, ୨ କାଉନ୍‌ସେଲର ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସିବିଆଇ ତଦନ୍ତ ଦାବିରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର

କେନ୍ଦୁଝର,୨୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ସାର୍ନା ଧର୍ମ କୋର୍ଡ ପ୍ରଦାନ, ଦେବଦେବୀଙ୍କ ପାଷାଣ ଚୋରି ମାମଲା

ଆଦିବାସୀ ସିଙ୍ଗେଲ ଅଭିଯାନ ସଂଗଠନ ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସାର୍ନା ଧର୍ମ କୋର୍ଡ ପ୍ରଦାନ ଓ ଦେବଦେବୀଙ୍କ ପାଷାଣ ଚୋରି ମାମଲାର ସିବିଆଇ ତଦନ୍ତ ଦାବି ହୋଇଛି। ଏ ନେଇ ଆନ୍ଦୋଳନ କରାଯାଇ ୯ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି।

ସମ୍ବିଧାନର ଅନୁଚ୍ଛେଦ ୨୫ ଅନୁଯାୟୀ ସାର୍ନାଧର୍ମ କୋର୍ଡ ପ୍ରଦାନ କରାଯାଇନାହିଁ। ଏଣୁ ୨୦୨୧ରୁ ୨୭ ମଧ୍ୟରେ ହେବାକୁଥିବା ଜନଗଣନା ବର୍ଷରେ ସେମାନଙ୍କର ମୌଳିକ ଅଧିକାରକୁ ସାବ୍ୟସ୍ତ କରି ସାର୍ନାଧର୍ମକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବାକୁ ସଂଗଠନ ଦାବି କରିଛି। ସାର୍ନା ଧର୍ମ ପାଳନକାରୀ ତୁଳନାରେ ବହୁତ କମ ସଂଖ୍ୟକ ପାଳନକାରି ଥିବା ଧର୍ମକୁ ମାନ୍ୟତା ମିଳିଛି। ସାର୍ନା ଧର୍ମ କୋର୍ଡ ପାଇବା ପାଇଁ ପୂର୍ବରୁ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ପୂର୍ବତନ ଏମ୍‌ପି ସାଲଖାନ ମୁର୍ମୁଙ୍କ ଦ୍ୱାରା ବହୁବାର ରାଷ୍ଟ୍ରପତି ସମେତ ଅନ୍ୟମାନଙ୍କୁ ଚିଠି ଲେଖାଯାଇଛି। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି କାର୍ଯ୍ୟାଳୟ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ତଥା କେନ୍ଦ୍ରଗୃହ ମନ୍ତ୍ରାଳୟଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହୋଇଛି। ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଝାଡ଼ଖଣ୍ଡର ଗିରିଡ଼ିହୀ ଜିଲାରେ ଅବସ୍ଥିତ ଆଦିବାସୀଙ୍କ ବାରାଂବୁରୁ ଧାର୍ମିକ କେନ୍ଦ୍ରକୁ ଝାଡ଼ଖଣ୍ଡ ସରକାର ଜାନୁଆରୀ ୫ରେ ଜୈନ୍ୟଙ୍କୁ ହସ୍ତାନ୍ତର କରିଛନ୍ତି। ଏହାକୁ ତୁରନ୍ତ ଆଦିବାସୀଙ୍କୁ ଫେରାଇଦେବା ସହ ଝାଡ଼ଖଣ୍ଡର ବକାରୋ ଜିଲାର ଲୁଗୁବୁରୁ, ପଶ୍ଚିମବଙ୍ଗର ପୁରୁଲିଆରେ ଅବସ୍ଥିତ ଅଯୋଧାବୁରୁ ସହିତ ପର୍ବତ, ଆଦିବାସୀଙ୍କ ଧାର୍ମିକସ୍ଥଳକୁ ହିନ୍ଦୁ ଓ ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ କବଳରୁ ମୁକ୍ତ କରିବାକୁ ଦାବି କରିଛନ୍ତି। ଫେବୃୟାରୀ ୧୬ରୁ ୨୧ ମଧ୍ୟରେ ମୟୂରଭଞ୍ଜ ଓ କେନ୍ଦୁଝରର ପ୍ରାୟ ୧୨ଟି ଆଦିବାସୀଙ୍କ ଧାର୍ମିକସ୍ଥଳ ଜାହେରଗାଳରୁ ଦେବଦେବୀଙ୍କ ପାଷାଣ ଚୋରି କରାଯାଇଛି। ଏହାର ସିବିଆଇ ତଦନ୍ତ କରିବାକୁ ଓଡ଼ିଶା ପ୍ରଦେଶ ଯୁବ ସଭାପତି କଲ୍ୟାଣ ବାସ୍କେ ସମେତ ସଂଗଠନର ଅନ୍ୟମାନେ ଦାବି କରିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟରେ ଖୋ-ଖୋ କ୍ରୀଡ଼ାବିତ୍ ଚୟନ

କେନ୍ଦୁଝର,୨୩।୩(ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

## ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ 'ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬' ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର କେନ୍ଦୁଝରର ୫ଟି ପ୍ରମୁଖ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧୀନରେ 'ଖୋ-ଖୋ' କ୍ରୀଡ଼ା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୬ରୁ ୧୪ ବର୍ଷ ବୟସ୍କ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ କ୍ରୀଡ଼ା ପ୍ରଶିକ୍ଷକ ଓ ଅଧିକାରୀ ପିଲାଙ୍କ ଶାରୀରିକ ସାମର୍ଥ୍ୟ ଏବଂ ଖେଳ କୌଶଳର ପରୀକ୍ଷା କରିଥିଲେ। ଡିଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶଙ୍କରପୁର, ନେହେରୁ ଷ୍ଟାଡିୟମ ଚମ୍ପୁଆ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ଚୟନ ପ୍ରକ୍ରିୟା ମାଧ୍ୟମରେ ଆଗାମୀଦିନରେ ଜିଲା ତଥା ରାଜ୍ୟ ପାଇଁ ଦକ୍ଷ ଖୋ-ଖୋ ଖେଳାଳି ସୃଷ୍ଟି ହୋଇପାରିବେ ବୋଲି କ୍ରୀଡ଼ା ବିଭାଗ ଆଶା ପ୍ରକାଶ କରିଛି।


ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା କ୍ରୀଡ଼ାବିତ୍।

# ଶହୀଦଙ୍କ ଉଦ୍ଦେଶ୍ୟରେ ଏଏପିର ପଦଯାତ୍ରା



ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶୋଭାଯାତ୍ରା।

କେନ୍ଦୁଝର,୨୩।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶହୀଦ ଦିବସ ଅବସରରେ ଆମ ଆଦମୀ ପାର୍ଟି(ଏଏପି)ପକ୍ଷରୁ କେନ୍ଦୁଝର କାଳୀପଡ଼ିଆଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ସୋମବାର ଆୟୋଜିତ ହୋଇଯାଇଛି। ପଦଯାତ୍ରାରେ ଦଳର କର୍ମୀ ଓ ସମର୍ଥକମାନେ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମଟି ଜିଲା ସଭାପତି ପ୍ରେମାନନ୍ଦ ସିଂଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା। ପଦଯାତ୍ରା ସମୟରେ ଦେଶପ୍ରେମ ଓ ଶହୀଦଙ୍କ ତ୍ୟାଗକୁ ସ୍ମରଣ କରି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ସଭାପତି ମେଘନାଥ ମାଝୀ, ଜିଲା ସମ୍ପାଦକ ଶୁଭଙ୍କର ମହାନ୍ତି, କେନ୍ଦୁଝର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାଏକ, ଜିଲା କୋଷାଧ୍ୟକ୍ଷ ସନ୍ତୋଷ ବାରିକ, ଖଗେଶ୍ୱର ମହାନ୍ତ, ସୁଧୀର ମହାନ୍ତ, ଚିତ୍ତରଞ୍ଜନ ନାଏକ, ଗଣେଶ୍ୱର ପାତ୍ର, ଦିପୁ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସମସ୍ତେ ଏକତ୍ରିତ ହୋଇ ଶହୀଦଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ।

# ଭାଜପାରେ ମିଶିଲେ ଅନ୍ୟ ଦଳର ୩ କର୍ମୀ


ଭାଜପାରେ ମିଶିଥିବା ନୂତନ କର୍ମକର୍ତ୍ତା।

ବଉଳା,୨୩।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ପଞ୍ଚାୟତର ୩ ଅନ୍ୟ ଦଳର ବରିଷ୍ଠ କର୍ମୀ ଅନ୍ୟ ଦଳ ଛାଡ଼ି ସୋମବାର ଭାଜପାରେ ଯୋଗଦେଇଛନ୍ତି। ବରିଷ୍ଠ କର୍ମୀ ପଙ୍କଜ ଜେନା, ମଦନ ଦାଶ, କହ୍ନେଇ ଓଝାଙ୍କୁ ଭାଜପା କାର୍ଯ୍ୟାଳୟରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମୟରେ ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ସାହୁ, ସାନ୍ତନୁ ସେଠୀ, ଅସିମା ମିଶ୍ର, ରାଜ୍ୟ ଅନୁସୁଚିତ ସାଧାରଣ ସମ୍ପାଦକ ଆଲୋକ ସେଠୀ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।

# ମହିଳା ମୋର୍ଚ୍ଚା ପକ୍ଷରୁ ଆଲୋକଙ୍କୁ ଶୁଭେଚ୍ଛା ସମ୍ବର୍ଦ୍ଧନା

ବଉଳା,୨୩।୩ (ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ତଥା ରାଜ୍ୟ ଅନୁସୁଚିତ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଆଲୋକ ସେଠୀଙ୍କୁ ସୋମବାର ହାଟଡ଼ିହୀ ବ୍ଲକ୍‌ର ଭାଜପା କାର୍ଯ୍ୟାଳୟରେ ନୂତନ ପଦବୀ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ନିର୍ବାଚନ ମଣ୍ଡଳୀ ଓ ଜିଲାସ୍ତରୀୟ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ତଥା ଜିଲା ପରିଷଦ ସଦସ୍ୟା ଅସିମା ମିଶ୍ର, ତୃପ୍ତିମୟୀ ଜେନା, ଦିପ୍ତିମୟୀ ଖୁଣ୍ଟିଆ, ଦିପ୍ତି ସାହୁ, ମିନତୀ ଧଳ ମହାପାତ୍ର ପ୍ରମୁଖ ଓ ଏମ୍‌ପିଙ୍କ ଆନନ୍ଦପୁର ପ୍ରତିନିଧି ଗୁକୁନା ମହାନ୍ତ, ବରିଷ୍ଠ ଭାଜପା ନେତା ସାନ୍ତନୁ ସେଠୀ, ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଓ ମଣ୍ଡଳ ସଭାପତି ଉପସ୍ଥିତ ରହି ଆଲୋକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏଥି ସହିତ କିଭଳି ସଂଗଠନ ସୁଦୃଢ଼ ହେବ ସେ ନେଇ ଆଲୋଚନା କରିଥିଲେ।


ଭାଜପା ମହିଳାନେତ୍ରୀମାନେ ଆଲୋକଙ୍କୁ ଫୁଲତୋଡ଼ା ପ୍ରଦାନ କରୁଛନ୍ତି।

# ପ୍ରଶାସନକୁ ହରାଇ ଟାଟା ଷ୍ଟିଲ ଚାମ୍ପିୟନ

ଯୋଡ଼ା,୨୩।୩(ମାନସ ମହାନ୍ତି)

## ଟାଟା ଷ୍ଟିଲ୍ ମିଡିଆ ମୈତ୍ରୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଟାଟା ଷ୍ଟିଲ ଯୋଡ଼ା ଆନୁକୂଲ୍ୟରେ ଏକ-ଦିବସୀୟ ମିଡ଼ିଆ ମୈତ୍ରୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡ଼ିଆରେ ରବିବାର ଆୟୋଜିତ ହୋଇଯାଇଛି। ବଡ଼ବିଲ, କେନ୍ଦୁଝର, କୋଇଡ଼ା, ଯୋଡ଼ା, ଚମ୍ପୁଆ, ଟାଟା ଷ୍ଟିଲ ଏବଂ ସ୍ଥାନୀୟ ପ୍ରଶାସନର ଦଳଙ୍କୁ ନେଇ ଆୟୋଜିତ ହୋଇଥିଲା। ଟୁର୍ନାମେଣ୍ଟରେ ପ୍ରଶାସନ ଏକାଦଶକୁ ହରାଇ ଟାଟା ଷ୍ଟିଲ ଏକାଦଶ ଚାମ୍ପିୟନ ହୋଇଛି।

ଫାଇନାଲ ମ୍ୟାଚ୍‌ରେ ପ୍ରଶାସନ ଏକାଦଶ ପ୍ରଥମେ ବ୍ୟାଟିଂ କରି ୭୯ ରନ୍‌ର ଟାର୍ଗେଟ ଦେଇଥିଲା। ଟାଟା ଷ୍ଟିଲ ଏକାଦଶ ୨ଟି ବଲ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ (ଓଏମ୍‌କ୍ୟୁ)ର ମହାପ୍ରବନ୍ଧକ ଦେବାଶିଷ ଜେନା, ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଯୋଡ଼ା ଚିଫ୍ ରାଜେଶ କୁମାର, ଖଣ୍ଡବନ୍ଧ ଖଣି ଚିଫ୍ ଜିଭି ସତ୍ୟନାରାୟଣ, କଳମଙ୍ଗ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ଓ ଗନ୍ଧଲପଦା ପ୍ରକଳ୍ପ ଚିଫ ଦୀପକ ବେହେରା, ମାଙ୍ଗାନିଜ ଖଣି ଚିଫ୍ ଶମ୍ଭୁନାଥ ଝା, ସ୍ଲରି ପାଇପଲାଇନ ଚିଫ୍ ପ୍ରବୀଣ ଶ୍ରୀବାସ୍ତବ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଏବଂ ଫାଇନାଲ ମ୍ୟାଚ୍‌ରେ ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଟାଟା ଷ୍ଟିଲ ଏକାଦଶର ଅଂଶୁମାନ ରାୟଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରଯାଇଥିଲା। କମ୍ପାନୀ ସମସ୍ତ ଅଂଶଗ୍ରହଣକାରୀ ଗଣମାଧମ ପ୍ରତିନିଧିଙ୍କୁ ସେମାନଙ୍କ ଉତ୍ସାହ ଏବଂ କ୍ରୀଡ଼ାମନୋଭାବ ପାଇଁ କୃତଜ୍ଞତା ଜ୍ଞାପନ କରିଛି।

# କାରକୁ ଧକ୍କା ଦେଲା ଟ୍ରେଲର, ଦମ୍ପତି ଗୁରୁତର

ଢେଙ୍କିକୋଟ,୨୩।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଥାନା ଜାତୀୟ ରାଜପଥ ୨୦ ନଂ. ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ନିକଟରେ ସୋମବାର ଅପରାହ୍ନରେ ଏକ କାରକୁ ଟ୍ରେଲର ଧକ୍କା ଦେଇଛି। କାରଟି ରାସ୍ତା ତଳକୁ ଖସି ପଡ଼ିଥିବା ବେଳେ ଦମ୍ପତି ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଭଦ୍ରକ ଜିଲାର ନରେନ୍ଦ୍ର ପ୍ରସାଦ ବଳ ବଡ଼ବିଲରେ ଏକ ଇନ୍ସୁରାନ୍ସ କମ୍ପାନୀର ବ୍ରାଞ୍ଚ ମ୍ୟାନେଜର ଭାବେ କାମ କରନ୍ତି। ସେ ଦୁଇ ଦିନ ଛୁଟିରେ ଘରକୁ ଯାଇଥିବା ବେଳେ ଅପରାହ୍ନରେ ବଡ଼ବିଲ ଫେରୁଥିଲେ। ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ନିକଟରେ ଟ୍ରେଲର ପଛପଟୁ ତାଙ୍କ କାର (ନଂ. ଓଡି ୦୨ ସିସି ୩୯୯୬)କୁ ଧକ୍କା ଦେଇଥିଲା। କାରଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସିଯାଇଥିଲା। ଦୁର୍ଘଟଣାରେ ନରେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଘଟଗାଁ ପୋଲିସ ଓ ଅଗ୍ନିଶମ ଅଧିକାରୀ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଦୁର୍ଘଟଣାପରେ ଟ୍ରେଲର ଖସି ପଳାଇଥିବା ଜଣାପଡ଼ିଛି।

# ଉପଜିଲାପାଳଙ୍କ ଦ୍ୱାରସ୍ଥହେଲେ ବାପା

ବଞ୍ଝୋ,୨୩।୩(ପ୍ରଦୋଷ କୁମାର ବିଶ୍ୱାଳ)

## ସନ୍ଦେହଘେରରେ ପୁଅର ମୃତ୍ୟୁ

ପୁଅ ପାଠ ପଢି ଇଞ୍ଜିନିୟର୍ ହେବ, ପରିଣତ ବୟସରେ ସାହାରା ଦେବ। ଏମିତି ଅନେକ ସ୍ୱପ୍ନ ଦେଖିଥିବା ବାପା ପୁଅର ମୃତ୍ୟୁରେ ଭାଙ୍ଗିପଡ଼ିଛନ୍ତି। ସନ୍ଦେହଜନକ ମୃତ୍ୟୁକୁ ନେଇ ବ୍ଲକ୍‌ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ମାତ୍ର ସବୁଆଡୁ ନିରାଶ ହୋଇଥିବା ବେଳେ ସୋମବାର ପୁଣି ଆନନ୍ଦପୁର ଉପ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ଦେଇ ନ୍ୟାୟ ଭିକ୍ଷା କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ବଞ୍ଝୋ ଗ୍ରାମର ଆଲୋକ ପଟ୍ଟନାୟକଙ୍କ ବଡ଼ପୁଅ ପ୍ରୀତିପ୍ରଭୁ(୧୭) ଢେଙ୍କାନାଳ ଜିଲାର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ରାବାସରେ ରହି ପାଠ ପଢୁଥିଲେ। ୨ ମାର୍ଚ୍ଚ ୨୦୨୫ରେ ପ୍ରୀତିପ୍ରଭୁ ହଷ୍ଟେଲ ବାହାରେ ଥିବା ଏକ ପୋଖରୀରେ ବୁଡ଼ିଯାଇଥିବା ଆଲୋକ


ଆଲୋକ କୁମାର ପଟ୍ଟନାୟକ।

ଖବର ପାଇଥିଲେ। ଘଟଣାକୁ ନେଇ ଢେଙ୍କାନାଳ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଥାନା ଅଧିକାରୀ ଅଭିଯୋଗକୁ ଗ୍ରହଣ କରିବା ପରିବର୍ତ୍ତେ ବିଭିନ୍ନ ଆଳ ଦେଖାଇଥିଲେ। ପରଦିନ ଥାନା ଅଧିକାରୀ ଛାତ୍ରଙ୍କ ବାପା ଓ ସମ୍ପର୍କୀୟ କଲେଜକୁ ଯାଇଥିବାବେଳେ କଲେଜର ମାଲିକ ଓ ଅଧ୍ୟକ୍ଷ ଅନୁପସ୍ଥିତ ରହିଥିଲେ। ପୁଅର ମୃତ୍ୟୁ ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷ ପରିବାରକୁ ସୂଚନା ନ ଦେବା, ବିନା ଅନୁମତିରେ ହଷ୍ଟେଲ ବାହାର ପୋଖରୀକୁ ଗାଧୋଇ ଯିବା, ଅଗ୍ନିଶମ ବିଭାଗର ସହାୟତା ନିଆ ନ ଯିବା, କଲେଜର ସିସିଟିଭି ଫୁଟେଜ ନ ଦେଖାଇବା, ଥାନା ଅଧିକାରଙ୍କ ଦ୍ୱାରା ଅର୍ଥ ପ୍ରଲୋଭନ, କଲେଜର ମାଲିକ ଫୋନ ରିସିଭ ନ କରିବା, ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗକୁ ଗ୍ରହଣ କରା ନ ଯିବା, ହଷ୍ଟେଲର ଅନ୍ୟ ଛାତ୍ରଙ୍କ ବୟାନକୁ ଗୁରୁତ୍ୱ ଦିଆ ନ ଯିବା ଭଳି ଘଟଣାକ୍ରମକୁ ଦେଖି ଆଲୋକ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଢେଙ୍କାନାଳ ସଦର ପୋଲିସ ଏକ ମାମଲା(ନଂ. ୧୬୦/୨୦୨୫) ମାମଲା ରୁଜୁ କରିଥିଲା। ସବୁସ୍ତରରେ ପୁଅକୁ ନ୍ୟାୟ ପାଇଁ ଅଭିଯୋଗ କରି ନିରାଶ ହେବା ପରେ ଆନନ୍ଦପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

# 'ଓଡ଼ିଆ କଳା, ସଂସ୍କୃତିକୁ ସୁରକ୍ଷା ଦେବା ସମସ୍ତଙ୍କ ଦାୟିତ୍ୱ'

କେନ୍ଦୁଝର,୨୩।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଷା ଉତ୍ଥାପନ ଆସୋସିଏଶନ ଖରସୁଆଁ, ଝାଡ଼ଖଣ୍ଡ ସରକାରଙ୍କ କଳା ଏବଂ ସଂସ୍କୃତି ବିଭାଗ, ରାଞ୍ଚି ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ପ୍ରତିଯୋଗିତା ୨୦୨୫-୨୬ ଖରସୁଆଁର ରାଜମହଲ ସିଂହ ଦ୍ୱାର (ଗୋପବନ୍ଧୁ ଚୌକ)ରେ ଅନୁଷ୍ଠିତ ହୋଇଯାଇଛି। ୪ ଦିନିଆ ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ପ୍ରତିଯୋଗିତାର ପ୍ରଥମ ଦିନରେ ସବୁଜ ସଂଘ କଳା ନିକେତନ (କେରା)ର କଳାକାର ସାମାଜିକ ଓଡ଼ିଆ ନାଟକ 'କିଣିନେଲା ମନ କଳାନାଗର' ପ୍ରଦର୍ଶନ କରିଥିଲେ। ଏହା ବ୍ୟତୀତ, ଶ୍ରୀ ଶ୍ରୀ ମା' ମନସା ଅପେରା (ଡାଲକି), ମା' ଶୀତଳା ଗୀତିନାଟ୍ୟ ସମାଜ (ଜାମ୍ବାନୀ) ବୋହରାଗୋରା ଦ୍ୱାରା 'ଶୀତଳା ମଙ୍ଗଳ ନାମ ଜଗତି ପାଲା' ଏବଂ ଗୋପବନ୍ଧୁ ନାଟ୍ୟ ବିଭାଗ (ଖଣ୍ଡମୋଦା) ଦ୍ୱାରା


ଓଡ଼ିଆ ନାଟକ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ।

'ଏ ଜୁଗାର ବିଶାଳ କରଣୀ' ମଞ୍ଚସ୍ଥ କରାଯାଇଥିବା ଆସୋସିଏଶନର ସଚିବ ନନ୍ଦୁ ପାଣ୍ଡେୟ ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥିଭାବେ ଖରସୁଆଁ ବିଧାୟକ ଦଶରଥ ଗାଗରାଇ ଯୋଗଦେଇ ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ସଂରକ୍ଷଣ କରିବା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱ ବୋଲି କହିଥିଲେ। ଷଡେଇକଳା ରାଜା ଆଦିତ୍ୟ ପ୍ରତାପ ସିଂହଦେଓ ଷଡେଇକଳା, ଖରସୁଆଁ ଜିଲାରେ ଓଡ଼ିଆ ଏକାଡ଼େମୀ ପ୍ରତିଷ୍ଠା ଓ ଓଡ଼ିଆ ସ୍କୁଲରେ ଓଡ଼ିଆ ଶିକ୍ଷକ ନିଯୁକ୍ତି, ଓଡ଼ିଆ ପୁସ୍ତକ ବଣ୍ଟନ ଦାବି କରିଥିଲେ। ଖରସୁଆଁ ରାଜା ଗୋପାଳ ନାରାୟଣ ସିଂହଦେଓ କହିଥିଲେ, ଆମର ମାତୃଭାଷା, ଆମର ସଭ୍ୟତା ଏବଂ ଆମର କଳା ଏବଂ ସଂସ୍କୃତି ପ୍ରତି ସର୍ବଦା ଗଭୀର ସମ୍ମାନ ବଜାୟ ରଖିବା ଆମର ସର୍ବୋତ୍ତମ କର୍ତ୍ତବ୍ୟ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ବାସନ୍ତୀ ଗାଗରାଇ, ଖରସୁଆଁ ରାଣୀ ଅପରାଜିତା ସିଂହଦେଓ, ଖରସୁଆଁ ବ୍ଲକ୍ ପ୍ରମୁଖ ମନିନ୍ଦ୍ର ଜାମୁଦା, ଖରସୁଆଁ ମୁଖିଆ ସୁନୀତା ତାପେ, ଉପ ମୁଖିଆ ସୁଶୀଳା ନାୟକ, ଜୋଜୋଡ଼ିହି ମୁଖିଆ ମଙ୍ଗଳସିଂହ ଜାମୁଦା ଯୋଗଦେଇଥିଲେ। ମନବୋଦ ମିଶ୍ର, ନୃସିଂହ ଚରଣ ପତି, ଶ୍ୟାମୋ ରାଉତ, ଜିତ୍ୱାନ ମଣ୍ଡଳ, ସରୋଜ ମିଶ୍ର, ତନୁ ପାଣି, କେଦାର ଦାସ ପ୍ରମୁଖ ସହଯୋଗ କରିଥିଲେ।

